## ଆଜି କ'ଣ କେଉଁଠି

ବ୍ରହ୍ମପୁର
- ୮୮ତମ ଘଣ୍ଟ ଯାତ୍ରା। ସ୍ଥାନ-ଉପଜିଲାପାଳଙ୍କ କାର୍ଯ୍ୟାଳୟ। ସମୟ-ପୂର୍ବାହ୍ନ ୧୧ଟା ।
- ବିଶ୍ୱ ଧରିତ୍ରୀ ଦିବସ। ସ୍ଥାନ-ଗଞ୍ଜାମ କଳା ପରିଷଦ। ସମୟ-ପୂର୍ବାହ୍ନ ସାଢ଼େ ୧୧ଟା ।

## କାଳିଙ୍ଗୀ କୃଷକ ମହାସଂଘର ସ୍ୱତନ୍ତ୍ର ସମାବେଶ

**ବ୍ରହ୍ମପୁର ଅଫିସ,୨୧।୪:** ନିଖିଳ ଉତ୍କଳ କାଳିଙ୍ଗୀ କୃଷକ ମହାସଂଘ ସ୍ୱତନ୍ତ୍ର ସମାବେଶ ରବିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। କାଳିଙ୍ଗୀ କୂଳର ଗରିବ ଲୋକଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ ପଦକ୍ଷେପ ନିଆଯିବାର ମହାସଂଘ ନିଷ୍ପତ୍ତି ନେଇଛି। ଗରିବ ପରିବାରର ଯୁବତୀମାନଙ୍କୁ ବିବାହ କରାଇବାରେ ସମସ୍ତ ସହଯୋଗ କରିବ ମହାସଂଘ। ଏହି ଦୁଇ ପ୍ରସ୍ତାବ ସର୍ବସମ୍ମତକ୍ରମେ ଗୃହୀତ ହୋଇଛି। ମହାସଂଘକୁ ଅଧିକ ସୁଦୃଢ଼ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କେନ୍ଦ୍ରୀୟ କମିଟି ସଭାପତି କେ. ବଳରାମ ଦାସ ଏଥିରେ ଅଧକ୍ଷତା କରିଥିଲେ। ଆବାହକ ଜି. ସାମାଞ୍ଚଳ ଏହାକୁ ସଂଯୋଜନା କରିଥିବା ବେଳେ ପି. ନରସିଂହ ପାତ୍ର, ଏଲ. ସୁଦାମ ଦାସ, ଏନ. ହାଡୁ ପାତ୍ର, ସିଏଚ୍ ବିଶ୍ୱନାଥ ପାତ୍ର, ଏ. ବାସୁଦେବ ପାତ୍ର, ଜି. ଲକ୍ଷ୍ମୀ ଚରଣ, ଏ. ବିଜୟ ପ୍ରମୁଖ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧରେ ସମ୍ପାଦକ ରାମମୂର୍ତ୍ତି, ପି. ରବୀନ୍ଦ୍ର ପାତ୍ର, କେନ୍ଦ୍ରୀୟ କମିଟି ସଦସ୍ୟା ଡ଼ି. ସୁଜାତା, ଏନ୍. ଜୟନ୍ତୀଙ୍କ ସମେତ ଗୁରୁମୂର୍ତ୍ତି ପାତ୍ର, ଏଲ. ଅର୍ଜୁନ ପ୍ରମୁଖ ସାଙ୍ଗଠନିକ ଆଲୋଚନାରେ ଭାଗ ନେଇଥିଲେ । ସମାବେଶରେ ୫୬ ଗ୍ରାମର କୂଳ ଭାଇମାନେ ଉପସ୍ଥିତ ଥିଲେ। କାଳିଙ୍ଗୀ କୂଳର ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନିଆଯିବାର କେନ୍ଦ୍ରୀୟ ସଭାପତି ଦାସ ଆଶ୍ୱାସନା ଦେଇଥିଲେ। ଏହି ଅବସରରେ ମହାସଂଘର ନୂଆ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଉପଦେଷ୍ଟା କେ. କୃଷ୍ଣମୂର୍ତ୍ତି ଓ ସମ୍ପାଦକ ଏଲ. ନାରସିଙ୍ଗୁଲୁ ଉପସ୍ଥିତ ଥିଲେ ।

## ସାମାଜିକ କର୍ମୀ ତ୍ରିନାଥ ସମ୍ବର୍ଦ୍ଧିତ

**ବ୍ରହ୍ମପୁର ଅଫିସ,୨୧।୪:** ସ୍ଥାନୀୟ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ରବିବାର ଆୟୋଜିତ ହୋଇଯାଇଛି । ପ୍ରାଧାପିକା ଡ. ଶାନ୍ତିଲତା ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବଡ ମେଡିକାଲର ଚକ୍ଷୁ ବିଭାଗର ସହକାରୀ ପ୍ରଫେସର ଡା. ରାଜେନ୍ଦ୍ର କୁମାର ବେହେରା ଯୋଗଦେଇଥିଲେ । ଏହି ଅବସରରେ ବରିଷ୍ଠ ସାମାଜିକକର୍ମୀ ତଥା ଶିକ୍ଷାବିତ ତ୍ରିନାଥ ମହାରଣାଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ମଞ୍ଚ ସମ୍ପାଦକ କିଶୋର ଚନ୍ଦ୍ର ବ୍ରହ୍ମା କାର୍ଯ୍ୟକ୍ରମ ସଂଯୋଜନା ଓ ବୃନ୍ଦାବନ ପରିଡା କବିତା ପାଠ କରିଥିଲେ । ଅଶୋକ କୁମାର ଦାଶ, ପ୍ରଭାତ କୁମାର ମିଶ୍ର, ରାମେଶ୍ୱର ଶତପଥୀ, ଶ୍ୟାମସୁନ୍ଦର ଖାଡଙ୍ଗା, ରମେଶ ଚନ୍ଦ୍ର ସାହୁ, ଉଦୟନାଥ ସାହୁ ଓ ଅଭିମାନ୍ୟୁ ଧର ସହଯୋଗ କରିଥିଲେ । ଯୁଗ୍ମ ସମ୍ପାଦକ ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ ।


କଂସାରି ସାହିର ପର୍ଶୁରାମ ରଥ।


ମାନସିକଧାରୀଙ୍କ ସାଇବାବା ବେଶ ।


ମାନସିକଧାରୀଙ୍କ ରାଧା ବେଶ ।


ଶିଳ୍ପୀ ସତ୍ୟ ମହାରଣା କାଗଜରେ ମା' ବୁଢ଼ୀଠାକୁରାଣୀଙ୍କ ପ୍ରତିମା କରିଛନ୍ତି।

# ଦୋଳି, ବୀରଲକ୍ଷ୍ମଣ, ଧନଲକ୍ଷ୍ମୀ ରଥ ଉନ୍ମୋଚିତ

**ବ୍ରହ୍ମପୁର ଅଫିସ,୨୧।୪**

ବ୍ରହ୍ମପୁର ପ୍ରସିଦ୍ଧ ମା' ବୁଢୀଠାକୁରାଣୀ ଯାତ୍ରା ରବିବାର ୨୩ ଦିନରେ ପହଞ୍ଚିଛି । ଆଉ ଆଠ ଦିନ ପରେ ମା' ନିଜସ୍ୱ ମନ୍ଦିରକୁ ବାହୁଡିବେ। ତେଣୁ ଶେଷ ପର୍ଯ୍ୟାୟରେ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ଯାତ୍ରା ମଇଦାନକୁ ଓହ୍ଲାଉଛନ୍ତି ବିଭିନ୍ନ ପ୍ରଚୀନ ଦଳଗତ ବେଶଧାରୀ। ଯାତ୍ରାସ୍ଥଳ ଓ ସହରର ଗଳିକନ୍ଦିରେ ବାଘ ବେଶଧାରୀ ଦଳ ମନୋରଞ୍ଜନ କରୁଥିବା ବେଳେ ରବିବାର ଯାତ୍ରା ମଇଦାନକୁ ଓହ୍ଲାଇଥିଲେ ଦଲୁଆ ସାହିର ଗୁରୁନାନକ ବେଶଧାରୀ ଦଳ । ଦଲୁଆସାହିସ୍ଥିତ ନୃସିଂହ ମନ୍ଦିରରୁ ସନ୍ଧ୍ୟାରେ ୨୧ ଜଣ ଗୁରୁନାନକ ବେଶଧାରୀ ଏକ ଶୋଭାଯାତ୍ରାରେ ବାହାରି ମା'ଙ୍କ ଅସ୍ଥାୟୀ ପୀଠକୁ ଯାଇଥିଲେ । ସେଠାରେ ପୂଜାର୍ଚ୍ଚନା କରିବା ପରେ ବିଭିନ୍ନ ସାହି ପରିକ୍ରମା କରିଥିଲେ । ସମସ୍ତ ମୁଣ୍ଡରେ ଗୁରୁନାନକଙ୍କ ଟୋପି ସହ ଦେହରେ ରହିଥିଲା ପଞ୍ଜାବୀ ପୋଷାକ ଓ ପାଟ। ବେଶଧାରୀମାନେ ରଣବାଦ୍ୟ ବଜାଇ ହାତରେ ଖଣ୍ଡା, ଫୁଲଧରି ମା' ବୁଢୀଠାକୁରାଣୀଙ୍କ ଶ୍ଳୋକ, ହନୁମାନ ଶ୍ଳୋକ, ଗୁରୁନାନକଙ୍କ ଭଜନ ପ୍ରଭୃତି ଗାନ କରି ସାହି ବୁଲିଥିଲେ । କୁହାଯାଏ ପୂର୍ବେ ଗେଟବଜାର ନିକଟସ୍ଥ ମିଲିଟାରୀ ଲାଇନ ଅଞ୍ଚଳରେ ସୁବେଦାର ତଥା ମିଲିଟାରୀ ଅଫିସରମାନଙ୍କ କ୍ୟାମ୍ପ ରହିଥିଲା। ସେଠାରେ ସେତେବେଳେ ଅନେକ ପଞ୍ଜାବୀ ବସବାସ କରୁଥିଲେ । ସେହି ସମୟରେ ମିଲିଟାରୀ ଲାଇନରେ ରହୁଥିବା ଜଣେ ସୁବେଦାର ଯାତ୍ରା ବେଳେ ପଞ୍ଜାବର ଏହି ଗୁରୁନାନକ ବେଶ ବାହାର କରିବା ନେଇ ଇଚ୍ଛାପ୍ରକାଶ କରିଥିଲେ। ପୁରୀକୁ ଶିଖଙ୍କ ଧର୍ମଗୁରୁ ଗୁରୁନାନକଙ୍କ ଆଗମନ ବେଳେ ତାଙ୍କଠାରୁ ଏହି ବେଶ ପୋଷାକ, ଗୁରୁନାନକଙ୍କ ବାଣୀ, ଭଜନ ଆଣି ବେଶ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ଅବଗତ କରାଇଥିଲେ । ଏହାପରେ ୧୯୨୩ରୁ ସେହି ସୁବେଦାରଙ୍କ କହିବା ପ୍ରକାରେ ପିଢି





ଦଲୁଆ ସାହିର ଗୁରୁନାନକ ବେଶ ।

ଅନୁସାରେ ଏହି ବେଶ ପ୍ରତି ଯାତ୍ରାରେ ଦଲୁଆସାହି ବାସିନ୍ଦାଙ୍କ ପକ୍ଷରୁ ବାହାରି ଆସୁଥିବା କୁହାଯାଏ । ତେବେ ରବିବାର ଯାତ୍ରାସ୍ଥଳରେ ଏହି ବେଶ ଏକ ମୁଖ୍ୟ ଆକର୍ଷଣ ସାଜିଥିଲା । ଅନ୍ୟପଟରେ ସନ୍ଧ୍ୟାରେ ଯାତ୍ରା ଦାଣ୍ଡକୁ ଆସିଛି ଆଉ ତିନୋଟି ରଥ । ସନ୍ଧ୍ୟା ଆଳତି ପରେ ୭ ସାହିରେ ମା'ଙ୍କ ଘଟ ପରିକ୍ରମା କରିଥିଲା । ଅସ୍ଥାୟୀ ପୀଠାରୁ ବାଦ୍ୟ, ବାଜଣା, ମହୁରି, ହୁଳହୁଳି ନାଦ ମଧରେ ମା'ଙ୍କ ଘଟ ଶୋଭାଯାତ୍ରା ବାହାରି ପ୍ରଥମେ ରାଜବାଟିକୁ ଯାଇଥିଲା। ସେଠାରେ ରାଜା ଆଶୋକ କୁମାର ନରେନ୍ଦ୍ର ଦେବ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ । ମା' ଦେବକୀ ମୁଖ୍ୟଘଟକୁ ଓ ଡେରା ସମ୍ପ୍ରଦାୟର ସେନାପତିଙ୍କ ସ୍ତ୍ରୀମାନେ ଅନ୍ୟ ୮ ପାର୍ଶ୍ୱ ଘଟକୁ ମୁଣ୍ଡାଇ ବିଭିନ୍ନ ସାହି ପରିକ୍ରମାରେ ବାହାରିଥିଲେ । ରାଜବାଟିରୁ ପ୍ରଥମେ ମା'ଙ୍କ ଘଟ ସାଆନ୍ତାଣୀ ସାହିକୁ ଯାଇଥିଲା । ସେଠାରେ ମା'ଙ୍କ ପ୍ରିୟ ଦୋଳି ରଥ ଉନ୍ମୋଚିତ ହୋଇଥିଲା । ମା'ଙ୍କ ପ୍ରିୟ ଦୋଳି ରଥକୁ ଶ୍ରଦ୍ଧାଳୁଙ୍କ ପାଇଁ ଉତ୍ସର୍ଗ କରିଥିଲେ । ଏହାପରେ ସନ୍ଧ୍ୟାରୁ ଅପେକ୍ଷା କରିଥିବା ଶିଶୁମାନେ ଦୋଳିରେ ବସି ବୁଲିଥିଲେ । ମା'ଙ୍କ ଏହି ଦୃଶ୍ୟକୁ ଲକ୍ଷ୍ୟ କରିଥିଲେ । କିମ୍ବଦନ୍ତୀ ପ୍ରକାରେ, ଏହି ରଥ ମା'ଙ୍କ ଅତି ପ୍ରିୟ ହୋଇଥିବା ବେଳେ ଏହି ରଥରେ ଶିଶୁମାନଙ୍କ ବସାଇଲେ ରୋଗମୁକ୍ତ ହେଉଥିବା ବିଶ୍ୱାସ ରହିଛି । ତେଣୁ ଯାତ୍ରା ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଶିଶୁଙ୍କୁ ଏହି ରଥରେ ବସାଇବା ପାଇଁ ଭିଡ ଜମିଥାଏ । ଦୋଳିରଥ ଉନ୍ମୋଚନ ପରେ ମା'ଙ୍କ ଘଟ ଶୋଭାଯାତ୍ରା ବଡବଜାର, ଲାଲାସାହି, ଭୂତସାହି, ନୂଆ ସାହି, ବନ୍ଧସାହି ଓ କୁମ୍ଭାରସାହି ପରିକ୍ରମା କରିଥିଲା । ପରିକ୍ରମା ବେଳେ ବଡବଜାରର ବୀର ଲକ୍ଷ୍ମଣ ରଥ, କୁମ୍ଭାର ସାହିର ଧନଲକ୍ଷ୍ମୀ ରଥ ଉନ୍ମୋଚିତ ହୋଇଥିଲା। ଉପରୋକ୍ତ ସାହି ପରିକ୍ରମା ବେଳେ ମହିଳାମାନେ ଦୁଆର ମୁହଁରେ ଜଳକୁମ୍ଭ ରଖିବା ସହ ମୁଖ୍ୟ ଘଟଧାରୀଙ୍କ ପାଦରେ ହଳଦୀ କର୍ପୂରମିଶା ପାଣି ଢାଳିଥିଲେ। ସୂଚନା ପ୍ରକାରେ ରବିବାର ସୁଦ୍ଧା ୯ ରଥ ଯାତ୍ରା ଦାଣ୍ଡକୁ ଆସିଥିବା ବେଳେ ସୋମବାର ଆଗାସାହିର ବନଦୁର୍ଗା, ବଡ ରେଡ଼ିକା ସାହି କାମଧେନୁ ରଥ ଯାତ୍ରା ଦାଣ୍ଡକୁ ଆସିବାର ସମ୍ଭାବନା ଥିବାରୁ ଏବେ ସାହିଗୁଡିକ ବେଶ ଉତ୍ସବମୁଖର ହୋଇଉଠିଛି । ସାହିଗୁଡିକ ଆଲୋକ ସାଜସଜ୍ଜାରେ ଝଲସୁଥିବା ବେଳେ ରଥ ଦେଖିବାକୁ ଏବେ ସାହିଗୁଡିକରେ ପର୍ଯ୍ୟଟକ ତଥା ଶ୍ରଦ୍ଧାଳୁଙ୍କୁ ନାହିଁ ନ ଥିବା ଭିଡ ଦେଖିବାକୁ ମିଳିଛି ।

## ରଞ୍ଜିତାଙ୍କୁ ଦୁଇଟି ପଦକ

**ବ୍ରହ୍ମପୁର ଅଫିସ,୨୧।୪**

ପୁନେର ଚାକନ୍‌ଠାରେ ବିଲିଭ୍ ଫିଟନେସ୍ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ବ୍ରହ୍ମପୁରର ରଞ୍ଜିତା ମିଶ୍ର ଦୁଇଟି ପଦକ ଜିତିଛନ୍ତି। ସେ ଶ୍ରେଷ୍ଠ ଲିଫଟର୍ ଭାବେ ସ୍ୱର୍ଣ୍ଣ ପଦକ ଏବଂ ଡେଡ୍ ଲିଫ୍ଟିଂ ପାଇଁ ରୌପ୍ୟ ପଦକ ଜିଣିଛନ୍ତି। ସେ ସ୍କ୍ୱାଟ୍ସରେ ୧୩୦କିଲୋ, ବେଞ୍ଚ୍‌ରେ ୬୫କିଲୋ ଏବଂ ଡେଡ୍ ଲିଫ୍‌ଟରେ ୧୫୦କିଲୋ ଓଜନ ଉଠାଇ ଏହି ସଫଳତା ହାସଲ କରିଛନ୍ତି। ବ୍ରହ୍ମପୁର ଗାନ୍ଧୀ ନଗର ନିବାସୀ ଜଗନ ମୋହନ ମହାପାତ୍ର ଏବଂ ବିଜୟ ଲକ୍ଷ୍ମୀ ମହାପାତ୍ରଙ୍କ ଝିଅ ରଞ୍ଜିତା ସମ୍ପ୍ରତି ମୁମ୍ବାଇରେ ରହୁଛନ୍ତି । ତାଙ୍କ ସ୍ୱାମୀ ସୁବାସ ମିଶ୍ରଙ୍କ ପ୍ରୋତ୍ସାହନ ଏବଂ କୋଚ୍ ସି. ରଘୁନାଥଙ୍କ ଯୋଗୁ ଏହି ସଫଳତା ମିଳିଛି ବୋଲି ରଞ୍ଜିତା ପ୍ରକାଶ କରିଛନ୍ତି ।



### ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ପ୍ରତାରଣା

## ଜେଲ ଗଲେ ଇଞ୍ଜିନିୟର

**ବ୍ରହ୍ମପୁର ଅଫିସ,୨୧।୪**

ଜଣେ ଯୁବତୀଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଯୁବ ଇଞ୍ଜିନିୟରଙ୍କୁ ଗିରଫ କରିଛି । ସେ ହେଲେ ବାଳକୃଷ୍ଣ ସାହୁ (୩୨) । ଘର ଗାନ୍ଧୀନଗର ୬ଷ୍ଠ ସାରଣୀ ବୋଲି ପୋଲିସ କହିଛି। ରବିବାର ବାଳକୃଷ୍ଣଙ୍କୁ ଡ଼ାକ୍ତରୀମାଇନା କରାଯାଇଛି। ଅନ୍ୟପଟେ ଏମ୍‌କେସିଜି ଏଫଏମସିଟିରେ ରବିବାର ମହିଳା ଡ଼ାକ୍ତର ଅନୁପସ୍ଥିତ ଥିବାରୁ ପୀଡ଼ିତାଙ୍କ ଡ଼ାକ୍ତରୀ ମାଇନା ହୋଇପାରି ନ ଥିବା ପୋଲିସ ସୂଚନା ଦେଇଛି। ଜିଲା କୋର୍ଟରେ ସୋମବାର ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବ। ନଂ. ୯୬/୧୯ ଧାରା ୪୯୩/୪୨୦/୪୧୭/୫୦୬ ଅନୁସାରେ ଅଭିଯୁକ୍ତ ବାଳକୃଷ୍ଣଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି ବୋଲି ଥାନାଧିକାରୀ ସନ୍ତୋଷିନୀ ଓରାମ କହିଛନ୍ତି। ପ୍ରକାଶ ଯେ,ପୀଡ଼ିତା ଜଣଙ୍କ ପୁଣେର ଏକ ଘରୋଇ ସଂସ୍ଥାରେ ଇଞ୍ଜିନିୟର ଭାବେ କାମ କରୁଥିବା ବେଳେ ବାଳକୃଷ୍ଣ ତାଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ବାଳକୃଷ୍ଣ ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ବିବାହ କରିବା ପାଇଁ ପୀଡ଼ିତା ବାରମ୍ବାର କହିଥିଲେ ମଧ ବାଳକୃଷ୍ଣ ତାଙ୍କୁ ପ୍ରତାରଣା କରିବା ସହ ଧମକଚମକ ଦେଇଥିଲେ । ଅନ୍ୟ ଉପାୟ ନ ପାଇ ପୀଡ଼ିତା ତାଙ୍କ ପରିବାର ସହ ଶନିବାର ଟାଉନ ଥାନାରେ ଅଭିଯୋଗ କରିଥିଲେ।

### ବଡ଼ଗୁମୁଳା ବୋମାମାଡ଼ ଘଟଣା

## ପୂର୍ବଶତ୍ରୁତା ମୁଖ୍ୟ କାରଣ

**ବ୍ରହ୍ମପୁର ଅଫିସ,୨୧।୪**

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅନ୍ତର୍ଗତ ବଡଗୁମୁଳାରେ ଶନିବାର ରାତିରେ ହୋଇଥିବା ବୋମାମାଡ଼ ଘଟଣାରେ ପୂର୍ବଶତ୍ରୁତା ହିଁ ମୁଖ୍ୟ କାରଣ ବୋଲି ପୋଲିସ ସ୍ପଷ୍ଟ କରିଛି। ଏହି ବୋମାମାଡ଼ ଘଟଣାରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିବା ବେଳେ ସେମାନେ ଏବେ ଫେରାର ରହିଛନ୍ତି। ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଥିବା ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ କହିଛନ୍ତି। ଏହି ଘଟଣାରେ ୨ ଜଣ ଆହତ ହୋଇ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ଶଙ୍କର ପାତ୍ରଙ୍କ ୨ ପୁଅ ସାଗର ପାତ୍ର ଓ ଶ୍ରୀକାନ୍ତ ପାତ୍ର। ଯୋଜନାବଦ୍ଧ ଭାବେ ଏଭଳି ବୋମାମାଡ କରି ସୁଶାନ୍ତଙ୍କୁ ହତ୍ୟା କରାଯାଇଥିବା ଅନୁମାନ କରି ପୋଲିସ ସାଗର ଓ ଶ୍ରୀକାନ୍ତ ସମେତ ୧୦ ଜଣଙ୍କ ମୋବାଇଲ ଫୋନ ଜବତ କରିଛି। ଶନିବାର ରାତିରେ ଘଟଣା ପୂର୍ବରୁ ସେମାନେ କାହା କାହା ସହିତ କଥାବାର୍ତ୍ତା ହେଉଥିଲେ ସେ ଦିଗରେ ଖୋଳତାଡ ଆରମ୍ଭ କରିଛି ପୋଲିସ। ୨ଟି ଗ୍ୟାଙ୍ଗ ମଧ୍ୟରେ ସୃଷ୍ଟି ହୋଇଥିବା ତିକ୍ତତାରୁ ସୁଶାନ୍ତଙ୍କ ପ୍ରାଣ ଗଲା ବୋଲି ପୋଲିସ ଅନୁମାନ କରୁଛି। ଅନ୍ୟଜଣେ ଗ୍ୟାଙ୍ଗ ଲିଡ଼ର ଦୁର୍ବୃତ୍ତଙ୍କ ଟାର୍ଗେଟରେ ଥିବା ବେଳେ ଉକ୍ତ ଗ୍ୟାଙ୍ଗର ସୁଶାନ୍ତ ବଳିପଡିଥିବା ପୋଲିସ ପରୋକ୍ଷରେ ସ୍ୱୀକାର କରୁଛି। ପ୍ରକାଶ ଯେ, ଶନିବାର ରାତିରେ ସୁଶାନ୍ତ ସାହୁ ତାଙ୍କ ଘର ନିକଟରେ ଅନ୍ୟ ଜଣଙ୍କ ବାରଣ୍ଡାରେ ବସି ମୋବାଇଲ ଫୋନ ଦେଖୁଥିବା ବେଳେ ୨ଟି ବାଇକରେ ୪ ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚିଥିଲେ। ଲାଗ୍‌ଲାଗ୍ ୨ଟି ବୋମା ସୁଶାନ୍ତଙ୍କ ଉପରକୁ ଲକ୍ଷ୍ୟ କରି ଫିଙ୍ଗିଥିଲେ। ଫଳରେ ସୁଶାନ୍ତଙ୍କ ପେଟରୁ ଅନ୍ତପୁଳା ବାହାରି ପଡିଥିଲା । ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ନିକଟରେ ଠିଆ ହୋଇଥିବା ସାଗର ଓ ଶ୍ରୀକାନ୍ତଙ୍କୁ ବୋମା ଛିଟିକା ବାଜିବାରୁ ସେମାନେ ମଧ ଆହତ ହୋଇଥିଲେ। ଖବର ପାଇ ସଦର ଏସଡିପିଓ ଜୟନ୍ତ ମହାପାତ୍ର ଓ ଅନ୍ୟ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଓ ଏଏସପି ପ୍ରଭାତ ରାଉତରାୟ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ପଚରାଉଚରା କରିଥିଲେ। ଲଡୁ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୪୬/୧୯ରେ ଏକ ହତ୍ୟା ମାମଲା ରୁଜୁ କରିଛି । ରବିବାର ଏମ୍‌କେସିଜିରେ ଥାନାଧିକାରୀ ବିବେକାନନ୍ଦ ମହନ୍ତ ମୃତଦେହ ଜବତ କରି ପରିବାର ଲୋକଙ୍କ ଉପସ୍ଥିତିରେ ପଞ୍ଚନାମା କରିଥିଲେ। ଏହିହତ୍ୟା ଘଟଣାରେ ପୋଲିସ ୨ ଜଣକୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି ।

### ଗଞ୍ଜାମ ଚାମ୍ବର ଅଫ୍ କମର୍ସର ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବ

## ଦେଶ ବିକାଶରେ ବ୍ୟବସାୟୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବ୍ରହ୍ମପୁର ଅଫିସ,୨୧।୪**

ଗଞ୍ଜାମ ଚାମ୍ବର ଅଫ୍ କମର୍ସର ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବ ରବିବାର ସ୍ଥାନୀୟ ଜଟାଧରେଶ୍ୱର ସ୍ୱାମୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ସୁନିଲ କୁମାର ମିଶ୍ର ଯୋଗଦେଇଥିଲେ। ସେ କହିଥିଲେ ଯେ, ବ୍ୟବସାୟୀ ଗୋଷ୍ଠୀକୁ ଆମ ସମାଜରେ ସମ୍ମାନର ସହ ଦେଖାଯାଏ। ସରକାର ଆମ ଦେଶରେ ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନେଇ ପାରୁଛନ୍ତି କେବଳ ବ୍ୟବସାୟୀମାନଙ୍କ ଅବଦାନ ଯୋଗୁ। ବ୍ୟବସାୟୀଙ୍କ ଟିକସ ଦେଶ ବିକାଶରେ ବ୍ୟବହାର ହେଉଛି। ଦେଶର ବିକାଶରେ ବ୍ୟବସାୟୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଣୁ ପ୍ରତ୍ୟକ ବ୍ୟବସାୟୀ ସଚ୍ଚୋଟତାର ସହ ସରକାରଙ୍କୁ ବିଭିନ୍ନ ପ୍ରକାରର ଟିକସ ଦେବା ଆବଶ୍ୟକ। ଓଡ଼ିଶାର ସାଧବ ପୁଅମାନେ ବହୁ ବର୍ଷ ପୂର୍ବରୁ ବିଦେଶ ସହ ବ୍ୟବସାୟିକ ସମ୍ପର୍କ ଗଢ଼ିଥିଲେ । ନୌବାଣିଜ୍ୟରେ ଜାଭା, ସୁମାତ୍ରା, ଇଣ୍ଡୋନେସିଆ ଭଳି ଦେଶକୁ ଯାଇ ବ୍ୟବସାୟ କରୁଥିଲେ। ଏଣୁ ବ୍ୟବସାୟ ଆମ ପ୍ରତ୍ୟେକ ଓଡ଼ିଆଙ୍କ ରକ୍ତରେ ରହିଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ କନ୍‌ଫେଡେରେଶନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ ଜାତୀୟ ସଭାପତି ବି.ସି. ଭର୍ତ୍ତିଆ କହିଥିଲେ, ଝିଅଟିଏ ପାଠ ପଢ଼ିବା ପରେ ଚାକିରି କରିଥାଏ। ନିଜ ପରିବାରର ଆର୍ଥିକ ଆବଶ୍ୟକତାକୁ କିଛି ପରିମାଣରେ ପୂରଣ କରିଥାଏ । କିନ୍ତୁ ସେଇ ଝିଅ, ବିବାହ ପରେ, ଶାଶୁଘରକୁ ଗଲେ, ଚାକିରି କରିବା ବଦଳରେ ଗୃହିଣୀ ଭାବେ ଜୀବନ ବିତାଇ ଦିଏ। ଏଭଳି ଭାବରେ ଆମେ ଆମ ଦେଶର ଅଧା ମାନବ ସମ୍ବଳକୁ ଘର ଭିତରେ ବନ୍ଦ କରି ରଖିଦେଉ। ଯେଉଁ ଦେଶର ଅଧା ମାନବ ସମ୍ବଳ ଅବ୍ୟବହୃତ ହୋଇପଡ଼େ, ସେଇ ଦେଶ ବିକାଶର ଶିଖରକୁ ଛୁଇଁବା କଷ୍ଟକର। ଏଣୁ ଆମ ବୋହୂ ଏବଂ ପତ୍ନୀମାନଙ୍କୁ ଘର ଭିତରେ ନ ରଖି, ବ୍ୟବସାୟୀକ କାର୍ଯ୍ୟ ଯଥା ହିସାବ ରଖିବା, ଅନ୍‌ଲାଇନ୍‌ରେ ଟିକସ ଭରିବା ଆଦି କାର୍ଯ୍ୟରେ ବ୍ୟବହାର କରିପାରିବା। ସେମାନେ ମଧ୍ୟ ଜଣେ ଜଣେ ସଫଳ ବ୍ୟବସାୟୀ ହୋଇପାରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏଥି ସହ ବ୍ୟବସାୟୀମାନେ ବ୍ୟବସାୟିକ ପରିବର୍ତ୍ତନକୁ ଗ୍ରହଣ କରି ନିଜେ ପରିସ୍ଥିତି ସହ ଖାପ ଖୁଆଇ ଚାଲିବା ଆବଶ୍ୟକ ବୋଲି ସେ କହିଥିଲେ। ଇ-କମର୍ସ ସମ୍ପ୍ରତି ଖୁଚୁରା ବ୍ୟବସାୟ ପ୍ରତି ଏକ ବିରାଟ ବିପଦ ଭାବେ ମୁଣ୍ଡ ଟେକିଛି। ଖୁଚୁରା ବ୍ୟବସାୟୀମାନେ ନିଜ ବ୍ୟବସାୟକୁ ଅପ୍-ଟୁ-ଡେଟ୍ କରିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଶା ବ୍ୟବସାୟୀ ମହାସଂଘ ସାଧାରଣ ସମ୍ପାଦକ ସୁଧାକର ପଣ୍ଡା ଯୋଗଦେଇ କହିଥିଲେ, ଯେଉଁ ବ୍ୟବସାୟୀମାନେ ସଚ୍ଚୋଟତାର ସହ ବ୍ୟବସାୟ କରୁଛନ୍ତି, ସେମାନେ କୌଣସି ସରକାରୀ ଅଧିକାରୀଙ୍କୁ ଭୟ କରିବା ଅନୁଚିତ। ଗତ ୫୦ବର୍ଷରେ ଭାରତରେ ବ୍ୟବସାୟରେ ଯେତିକି ପରିବର୍ତ୍ତନ ଆସି ନ ଥିଲା, ଗତ ୫ ବର୍ଷରେ ତାହାଠୁ ଅଧିକ ପରିବର୍ତ୍ତନ ଆସିଛି। ଏହି ପରିବର୍ତ୍ତନର ଦୁଇଟି ରୂପ ଅଛି। ଉଭୟକୁ ବ୍ୟବସାୟୀମାନେ ସକାରାତ୍ମକ ଭାବେ ଗ୍ରହଣ କରିବା ଉଚିତ ବୋଲି ସେ ପ୍ରକାଶ କରିଥିଲେ। ଗଞ୍ଜାମ ଚାମ୍ବର ଅଫ୍ କମର୍ସ ସଭାପତି ଭି.ଭି. ରାମ ନରସିଂହ ରାଓ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଚାମ୍ବର ତରଫରୁ ୬ଟି ସ୍କୁଲକୁ 'ମୋ ସ୍କୁଲ, ଶ୍ରେଷ୍ଠ ସ୍କୁଲ' ଯୋଜନାରେ ୧ ଲକ୍ଷ ୩୫ହଜାର ଟଙ୍କାର ଉପକରଣ ପ୍ରଦାନ କରାଯାଇଥିଲା। ଏଥି ସହ ପୂର୍ବତନ ସଭାପତି ଏବଂ ସମ୍ପାଦକ, ନୂତନ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହ ଏକ ସ୍ମରଣିକା, ସ୍ମରଣୀୟ ମୁଦ୍ରାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସ୍ୱର୍ଣ୍ଣ ଜୟନ୍ତୀ ଆୟୋଜନ କମିଟି ଅଧକ୍ଷ କେ. ଶିବ ପ୍ରସାଦ ସୁବୁଦ୍ଧି, ସହଅଧକ୍ଷ ଇ. ଶିବ ପ୍ରସାଦ ରାଓ, ସମ୍ପାଦକ ସନ୍ତୋଷ କୁମାର ସାହୁ, ଯୁଗ୍ମ ସମ୍ପାଦକ ମନୋଜ ପାଢୀ, ସହସମ୍ପାଦକ ଶାକା ଶ୍ରୀକାନ୍ତ, କାର୍ଯ୍ୟକାରୀ କମିଟି ସଦସ୍ୟ ଟି. ରାହୁଲ, ଇ.ଏସ୍.ଭି. ପ୍ରସାଦ, ଜି.ଜେ. ରବି, ରବି ନାରାୟଣ ପାତ୍ର, ଅମର ସାହୁ, କେ.କେ. ମିଶ୍ର, ସୁମନ ସାବତ, ସ୍ୱରାଜ୍ୟ ସୁବୁଦ୍ଧି, ନିତିନ ମୁଦ୍ରା, ରଞ୍ଜିତ ପାଢୀ, ଅରୁଣ ରାଠୋଡ଼, ଡି.ଏଲ୍. ନାରାୟଣା, ସିଏଚ୍ ସତ୍ୟନାରାୟଣ ସୁବୁଦ୍ଧି ଉପସ୍ଥିତ ଥିଲେ। ଚାମ୍ବର ଅଫ୍ କମର୍ସର ବହୁ ସଦସ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।



ଅତିଥିମାନେ ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି ।

ଧରିତ୍ରୀ DHARITRI
ବ୍ରହ୍ମପୁର, ସୋମବାର, ୨୨ ଏପ୍ରିଲ, ୨୦୧୯



## ସଂକ୍ଷେପରେ

### ବିବାଦୀୟ ଜମିରୁ କାଜୁ ତୋଳିଲା ପ୍ରଶାସନ



**କାଶୀନଗର, ୨୧।୪-(ଡି.ଏନ.ଏ.):** ଗଜପତି ଜିଲା କାଶୀନଗର ବ୍ଲକ ଖାଣ୍ଡବା ପଞ୍ଚାୟତର ଅରମଡା, ପୁରୁଟିଗୁଡା ଗ୍ରାମରେ ଥିବା ୧୦୦ ଏକରରୁ ଉର୍ଦ୍ଧ୍ୱ କାଜୁତୋଟାକୁ ନେଇ ଦୀର୍ଘଦିନ ହେଲା ଆଦିବାସୀ ଓ ଅଣଆଦିବାସୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଏନେଇ ପ୍ରଶାସନ ପକ୍ଷରୁ ବିବାଦୀୟ କାଜୁ ତୋଟାରେ ୧୪୪, ୧୪୫ ଧାରା ଲାଗୁ କରାଯାଇଥିଲା। ସମ୍ପୃକ୍ତ ଅଞ୍ଚଳକୁ କେହି ନ ଯିବା ପାଇଁ କୁହାଯାଇଥିଲା। ସେହି ବିବାଦୀୟ ତୋଟାରୁ ଶନିବାର ଓ ରବିବାର ପ୍ରଶାସନ ୨୯୦ କେଜି କାଜୁ ସଂଗ୍ରହ କରିଛି। ରବିବାର ୧୨୦କେଜି କାଜୁ ତୋଳାଯାଇ ତହସିଲ କାର୍ଯ୍ୟାଳୟରେ ରଖାଯାଇଛି। ଏହି ସମୟରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର ଓ ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ। ଗଣ୍ଡଗୋଳ ଆଶଙ୍କା କରି ଦୁଇ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ୬୦ଜଣ ଶ୍ରମିକ କାଜୁ ସଂଗ୍ରହନିୟୋଜିତ ହୋଇଥିଲେ ।

### ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବାର୍ଷିକ ଉତ୍ସବ

**ଗୁଣପୁର,୨୧।୪(ଡି.ଏନ.ଏ):** ରାୟଗଡା ଜିଲା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଗୁଣପୁର ଶାଖାର ୪ର୍ଥ ବାର୍ଷିକ ଉତ୍ସବ ରବିବାର ସ୍ଥାନୀୟ ଏକ ଲଜର କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ସଭା କାର୍ଯ୍ୟକ୍ରମ ପୂର୍ବରୁ ବହ୍ମକୁମାରୀ ଏବଂ ବ୍ରହ୍ମାକୁମାରମାନେ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଗୁଣପୁର କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ଇନ୍ଦିରା ଅଧିକାରୀ ମୁଖ୍ୟ ଅତିଥି, ଗୁଣପୁର କଲେଜ ଇତିହାସ ବିଭାଗ ମୁଖ୍ୟ ଡ.ଜବାହାର ଚୌଧୁରୀ ଏବଂ ଅବସରପ୍ରାପ୍ତ ଶିକ୍ଷକ ସୀମାଞ୍ଚଳ କର ପ୍ରମୁଖ ଯୋଗ ଦେଇଥିଲେ । ବି.କେ.ଅଶ୍ୱିନୀ କାର୍ଯ୍ୟକ୍ରମ ସଂଯୋଜନା, ବି.କେ. ଶ୍ରୀମତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ଶେଷରେ ଅଧ୍ୟାପକ ସୁରେନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ ।

### ପାରଳାଖେମୁଣ୍ଡିରେ କାଳବୈଶାଖୀ

**ପାରଳାଖେମୁଣ୍ଡି, ୨୧।୪ (ସ୍ୱ.ପ୍ର.):** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିରେ ଗତ କିଛିଦିନ ହେବ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିଲା। ରବିବାର ଅପରାହ୍ନରେ କାଳବୈଶାଖୀ ଲୋକଙ୍କୁ କିଛିଟା ଆଶ୍ୱସ୍ତି ଆଣି ଦେଇଛି । ଦୀର୍ଘ ଏକ ଘଣ୍ଟା ଧରି ବର୍ଷା ଲାଗି ରହିବାରୁ ପରିବେଶ ଅନେକ ପରିମାଣରେ ଥଣ୍ଡା ପଡିଛି। ଏନେଇ ଲୋକେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି । ପବନ ଯୋଗୁ କେତେକ ସ୍ଥାନରେ ଛୋଟମୋଟ ଗଛଡାଳ ଭାଙ୍ଗିଥିବା ଖବର ମିଳିଛି।

## ■ ଏମ୍‌କେସିଜିରେ ତିଆରି ହେବ ବିଶ୍ରାମ ସଦନ

# ଜମି ଚିହ୍ନଟ ପ୍ରକ୍ରିୟା ଶେଷ

**ବ୍ରହ୍ମପୁର ଅଫିସ,୨୧।୪**

ଦକ୍ଷିଣ ଓଡ଼ିଶାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ହେଉଛି ଏକ ପ୍ରମୁଖ ହସ୍‌ପିଟାଲ । ଏହା ଦକ୍ଷିଣ ଓଡ଼ିଶା ସମେତ ପଡ଼ୋଶୀ ଆନ୍ଧ୍ର ସୀମାନ୍ତ ଇଲାକାରେ ରହୁଥିବା ରୋଗୀମାନେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ରେଫର ହୋଇ ଏମ୍‌କେସିଜି ମେଡିକାଲକୁ ଆସୁଛନ୍ତି । ଏହି ହସ୍ପିଟାଲରେ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ରହିଛି। କିନ୍ତୁ ରୋଗୀ ସମ୍ପର୍କୀୟଙ୍କ ରହିବା ପାଇଁ ଏମ୍‌କେସିଜିରେ ସେମିତି କିଛି ସୁବିଧା ନାହିଁ। ଫଳରେ ରୋଗୀ ସମ୍ପର୍କୀୟମାନେ ହସ୍ପିଟାଲ ବାରଣ୍ଡାରେ ଥିବା ଏକ ମଣ୍ଡପ ଇତ୍ୟାଦିରେ ବିଶ୍ରାମ ନେଉଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ପାୱାର ଗ୍ରିଡ୍ କର୍ପୋରେଶନ ଅଫ ଇଣ୍ଡିଆ ଲିମିଟେଡ୍ ଆଗେଇ ଆସିଛି। ପାୱାର ଗ୍ରୀଡ ତରଫରୁ ଏମ୍‌କେସିଜିରେ ରୋଗୀ ସମ୍ପର୍କୀୟଙ୍କ ସୁବିଧା ପାଇଁ ବିଶ୍ରାମ ସଦନ ନିର୍ମାଣ ନିଷ୍ପତ୍ତି ହୋଇଛି। ଏଥିପାଇଁ ମେଡିକାଲ ପରିସରରେ ଜମି ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ଖୁବଶୀଘ୍ର ଏହାର ନିର୍ମାଣ ଆରମ୍ଭ ହେବ ବୋଲି ଜଣାପଡିଛି। ପ୍ରତିଦିନ ଏହି ହସ୍ପିଟାଲରେ ୧ ହଜାର ପାଖାପାଖି ରୋଗୀ ଆଉଟ ଡୋରକୁ ଆସୁଛନ୍ତି। ଗୁରୁତର ରୋଗୀଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଇନ୍‌ଡୋରରେ ଭର୍ତ୍ତି କରାଯାଉଛି। ହସ୍ପିଟାଲରେ ରୋଗୀ ସମ୍ପର୍କୀୟମାନଙ୍କ ରହିବା ପାଇଁ ଆବଶ୍ୟକ ସ୍ଥାନ ନ ଥିବାରୁ ସେମାନେ ମେଡିକାଲ ବାରଣ୍ଡାରେ ଦିନରାତି ନିଜର ସମୟ ବିତାଉଛନ୍ତି ।




ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ।

ପ୍ରକାଶ ଯେ, ପୂର୍ବରୁ ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଯିବା ରାସ୍ତା ନିକଟରେ ଏକ ରୋଗୀ ସମ୍ପର୍କୀୟଙ୍କ ପାଇଁ ବିଶ୍ରାମ ସଦନ ଥିଲା। ତାହା ବହୁ ବର୍ଷ ହେଲା କୌଣସି କାରଣରୁ ବନ୍ଦ ହୋଇ ରହିଛି । ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ ବିଶ୍ରାମ ସଦନର ଗୃହଗୁଡ଼ିକ ଖତ ଖାଉଛି। ସେହି ରୁମ୍ ଗୁଡ଼ିକରେ ଏବେ ଭଙ୍ଗା ସାମଗ୍ରୀ ଗଦା ହୋଇ ରହିଛି। ଏହାକୁ ଛାଡ଼ିଦେଲେ ରୋଗୀ ସମ୍ପର୍କୀୟଙ୍କ ରହିବା ପାଇଁ ଆଦୌ ସୁବିଧା ନାହିଁ। ଏଣୁ ମେଡିକାଲରେ ରୋଗୀ ସମ୍ପର୍କୀୟଙ୍କ ପାଇଁ ବିଶ୍ରାମ ସଦନ ନିର୍ମାଣ ଲାଗି ଦୀର୍ଘଦିନ ହେଲା ବିଭିନ୍ନ ମହଲରେ ଦାବି ହୋଇ ଆସୁଥିଲା। ଏପରିକି ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଘଣ୍ଟଯାତ୍ରା ମାଧ୍ୟମରେ ଅଭିନବ ପ୍ରତିବାଦ କରାଯାଇ ଆସୁଛି। ଏ ଦିଗରେ ପାୱାର ଗ୍ରୀଡ କର୍ପୋରେଶନ ଆଗେଇ ଆସି ରୋଗୀ ସମ୍ପର୍କୀୟଙ୍କ ସମସ୍ୟା ସମାଧାନ ପାଇଁ ହାତ ବଢ଼ାଇଛି। ପାୱାର ଗ୍ରୀଡ ତରଫରୁ ୨ ଶହ ରୁମ ଥିବା ଏକ ଆପାର୍ଟମେଣ୍ଟ ତିଆରି କରାଯିବ ବୋଲି ଜଣାପଡ଼ିଛି। ଏହା ନିର୍ମାଣ ସରିବା ପରେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଏହାର ପରିଚାଳନା ଭାର ଦିଆଯିବ ବୋଲି ସୂଚନା ଦିଆଯାଇଛି। ଏମ୍‌କେସିଜି ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ରାଧାମାଧବ ତ୍ରିପାଠୀ କୁହନ୍ତି, ମେଡିକାଲ ପରିସରରେ ରୋଗୀଙ୍କ ସମ୍ପର୍କୀୟ ପାଇଁ ବିଶ୍ରାମ ସଦନ ନିର୍ମାଣ ଲାଗି ଜମି ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି । ଏ ସଂକ୍ରାନ୍ତୀୟ ସମସ୍ତ କାଗଜପତ୍ର ସରକାରଙ୍କ ନିକଟକୁ ମେଡିକାଲ କର୍ତ୍ତୃପକ୍ଷଙ୍କ ତରଫରୁ ପଠାଯାଇଛି। ଜମି ହସ୍ତାନ୍ତର ପରେ ନିର୍ମାଣ କାମ ଆରମ୍ଭ ହେବ ।

## ସେଲ୍‌ଫି କର୍ଣ୍ଣର



ବିକାଶ



ଗୁଡ଼ଲି

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# 'ରକ୍ତ ସମ୍ପର୍କ ଗଢ଼ିବାକୁ ପଦଯାତ୍ରା'




ରକ୍ତଦାନ ପାଇଁ ସଚେତନତା ପଦଯାତ୍ରା ବ୍ରହ୍ମପୁର ସହର ପରିକ୍ରମା କରୁଛି ।

**ବ୍ରହ୍ମପୁର ଅଫିସ,୨୧।୪**

ସମ୍ପ୍ରତି ଗ୍ରୀଷ୍ମ ଋତୁ ଯୋଗୁ ବ୍ରହ୍ମପୁର ବଡ଼ ମେଡ଼ିକାଲ୍ ରକ୍ତ ଭଣ୍ଡାରରେ ରକ୍ତର ଘୋର ଅଭାବ ଦେଖିବାକୁ ମିଳିଛି। କୌଣସି ଗ୍ରୁପ୍‌ର ରକ୍ତ ଭଣ୍ଡାରରେ ନାହିଁ । ଫଳରେ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆବଶ୍ୟକ ସ୍ଥଳେ ରକ୍ତ ମିଳୁନାହିଁ। ରୋଗୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। କେବଳ ରକ୍ତ ପ୍ରତିବଦଳରେ ରକ୍ତ ଦିଆଯାଉଛି। କିନ୍ତୁ ଷ୍ଟକ୍ ନାହିଁ। ଏଭଳି ଏକ ଉତ୍କଟ ରକ୍ତ ଅଭାବ ସମସ୍ୟାର ମୁକାବିଲା ପାଇଁ କେତେକ ସାମାଜିକ ସଂଗଠନ ଆଗକୁ ଆସିଛନ୍ତି । ଗ୍ରୀଷ୍ମରେ ଅଧିକରୁ ଅଧିକ ରକ୍ତଦାନ କରିବାକୁ ଆହ୍ୱାନ ଜଣାଇଛନ୍ତି। ଲୋକଙ୍କୁ ସଚେତନ କରିଛନ୍ତି। ଏପରିକି ନିଜେ ରକ୍ତ ଦାନ ଶିବିର ଆୟୋଜନ ପାଇଁ ପଦକ୍ଷେପ ନେଇଛନ୍ତି ।

ବ୍ରହ୍ମପୁର ସବୁଜ ବାହିନୀ, ଆଞ୍ଚଳିକ ବିକାଶ ପରିଷଦ, ମାରୱାଡି ମହିଳା ସମିତି, ଓଡ଼ିଶା ନେଚର୍ ଲଭର୍ସ, ବର୍ଦ୍ଧିଷ୍ଣୁ ଓଡିଶା ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ରବିବାର ସକାଳେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ରକ୍ତଦାନ ବୃଦ୍ଧି କରିବା ଉଦ୍ଦେଶ୍ୟରେ 'ଆସନ୍ତୁ ଗଢିବା ରକ୍ତ ସମ୍ପର୍କ' ନାମକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପଦଯାତ୍ରା ପୁରୁଣା ବସ୍‌ଷ୍ଟାଣ୍ଡଠାରୁ ଆରମ୍ଭ ହୋଇ ଖଲ୍ଲିକୋଟ କଲେଜ ପଡିଆ, ଷ୍ଟେଟ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ଯାଇ ସେଠାରୁ ପୁଣି ପୁରୁଣା ବସ୍‌ଷ୍ଟାଣ୍ଡରେ ଶେଷ ହୋଇଥିଲା। ଗ୍ରୀଷ୍ମ ଋତୁରେ ରକ୍ତଭଣ୍ଡାରରେ ରକ୍ତର ଘୋର ଅଭାବ ପରିଲକ୍ଷିତ ହୋଇଥିବା ଯୋଗୁ ଏହି ଅଭାବକୁ କିଛି ମାତ୍ରାରେ ଦୂର କରିବା ପାଇଁ ରକ୍ତ ଦାନର ଆବଶ୍ୟକତା ରହିଛି ବୋଲି ଲୋକଙ୍କୁ ସଚେତନ କରାଯାଇଥିଲା। ରକ୍ତ ଦେବାକୁ ଜନ ସାଧାରଣ, ଛାତ୍ରୀଛାତ୍ର ତଥା ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନକୁ ଅନୁରୋଧ କରାଯାଇଥିଲା। ସମସ୍ତେ ଅନ୍ତତଃ ଥରେ ରକ୍ତ ଭଣ୍ଡାରକୁ ଆସି ରକ୍ତଦାନ କରିବାକୁ ଆହ୍ୱାନ କରାଯାଇଥିଲା। ଏହି ଅଭିଯାନ ଆସନ୍ତା ୨୮ ତାରିଖରୁ ଆରମ୍ଭ ହୋଇ ୧୪ ପର୍ଯ୍ୟନ୍ତ ଚାଲିବ। ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, ଗଞ୍ଜାମ ଜିଲା ଇକୋ କ୍ଲବ ସଂଯୋଜକ ଡ଼. ଶଙ୍କର ନାରାୟଣ ବେଜ, ସମ୍ପାଦକ ଏମ୍. ଦିଲୀପ କୁମାର, ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ର, ସମ୍ପାଦକ ବିଜେନ୍ଦ୍ର ମାଝି, ମାରୱାଡ଼ି ମହିଳା ସମିତି ସମ୍ପାଦିକା ରୁବି ଖେମାନି, ସ୍ୱେଚ୍ଛାସେବୀ ଅରବିନ୍ଦ ଦେଶୀବେହେରା, ବନମାଳୀ ପ୍ରଧାନ, କବିତା ରାଓ, ଦୀପକ ପାତ୍ରଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ ।

### ମା' ରାଜେମା ଠାକୁରାଣୀଙ୍କ ପଞ୍ଚବାର୍ଷିକୀ ପର୍ବ

**ପାରଳାଖେମୁଣ୍ଡି, ୨୧।୪ (ସ୍ୱ.ପ୍ର.)**

ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ ସିଦ୍ଧାମଡଙ୍ଗ ପଞ୍ଚାୟତର ଗୁଣଭଦ୍ରା ଗ୍ରାମରେ ପୂଜା ପାଉଛନ୍ତି ମା' ରାଜେମା ଠାକୁରାଣୀ। ମା'ଙ୍କ ପଞ୍ଚବାର୍ଷିକୀ ପର୍ବ ଇତି ମଧ୍ୟରେ ପାଳିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ଡାକ୍ତର ମୁର୍ମୁ ମୁଖ୍ୟବକ୍ତା,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ବେବର୍ତ୍ତା, ଅଧ୍ୟାପକ ସନ୍ତୋଷ ପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ସଭ୍ୟତା ଯେତେ ପ୍ରଗତି କଲେ ମଧ୍ୟ ପରମ୍ପରାକୁ ସମସ୍ତେ ସମ୍ମାନ ଦେବା ଉଚିତ ବୋଲି ଅତିଥିମାନେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ମା'ଙ୍କ ପର୍ବରେ ପାରଳାଖେମୁଣ୍ଡି ସମେତ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁ ଭିଡ଼ ଜମାଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପୂଜା କମିଟିର ମୁଖ୍ୟ ବାବୁଲା ପଟ୍ଟନାୟକ ପରିଚାଳନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ଓଡିଶୀ, ସମ୍ବଲପୁରୀ, ଆଧୁନିକ ନୃତ୍ୟକୁ ଅରୂପଞ୍ଜାଳି ମହାନ୍ତି ପରିଚାଳନା କରିଥିଲେ । ସମସ୍ତ ଶିଳ୍ପୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସୂଚନାଯୋଗ୍ୟ ଯେ, ମା' ରେଜେମା ଠାକୁରାଣୀ ଗୁଣଭଦ୍ରା ଗ୍ରାମ ଏବଂ ସିଦ୍ଧାମଡଙ୍ଗ ପଞ୍ଚାୟତର ପ୍ରସିଦ୍ଧ ଠାକୁରାଣୀ ରୂପେ ପରିଚିତ।

### ବାଲ୍‌ମୁକୁନ୍ଦ କେନ୍ଦ୍ରରେ ବିଭିନ୍ନ କାର୍ଯ୍ୟକ୍ରମ



ପିଲାମାନେ ଯୋଗାସାନ କରୁଛନ୍ତି।

**ପାରଳାଖେମୁଣ୍ଡି, ୨୧।୪ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ରାଜଗୁରୁସାହିରେ ଥିବା ପରିଚ୍ଛା ମଠ ପରିସରରେ ବାଲ୍‌ମୁକୁନ୍ଦ କେନ୍ଦ୍ର ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିବିଧତାକୁ ସମ୍ମାନ ପ୍ରଦର୍ଶନ, ସ୍ୱାମୀ ମୁକୁନ୍ଦାନନ୍ଦଜୀଙ୍କ ବାଣୀ ଏବଂ ଜଗଦ୍‌ଗୁରୁ କୃପାଳୁ ମହାରାଜଙ୍କ ଦର୍ଶନ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିବା ଉଚିତ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ପ୍ରକାଶ କରିଛନ୍ତି । ପ୍ରଥମେ ପ୍ରାର୍ଥନା, ଭଗବତ ଗୀତା ପଠନ ଏବଂ ସ୍ୱାମୀ ରାମଦେବଙ୍କ ଯୋଗାସନ ଉପରେ ଲକ୍ଷ୍ମୀଚରଣ ପଟ୍ଟନାୟକ କେନ୍ଦ୍ରର ପିଲାମାନଙ୍କୁ ଶିକ୍ଷା ଦେଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ସତ୍ୟସାଇ ବାଲବିକାଶ ଅନୁଷ୍ଠାନର ପ୍ରତିନିଧି ତଥା ବରିଷ୍ଠ ଆଇନଜୀବୀ ଜନାର୍ଦ୍ଦନ ରାଓ ଯୋଗଦେଇ ଭଗବାନ କେଉଁ ରୂପରେ ଏବଂ କେଉଁଠାରେ ଅଛନ୍ତି ବୁଝାଇଥିଲେ । ସମ୍ମାନିତ ଅତିଥିଭାବେ ଗାୟତ୍ରୀ ପରିବାରର ମନୋରମା ମହାନ୍ତି ଯୋଗଦେଇ ଗାୟତ୍ରୀ ମନ୍ତ୍ରର ସୁଫଳ ସମ୍ପର୍କରେ ବୁଝାଇଥିଲେ । ଅଧ୍ୟାପକ ନାରାୟଣ ରାଓ ଏବଂ ଜାନକୀ ଚରଣ ବେହେରା ସହଯୋଗ କରିଥିଲେ । ପରବର୍ତ୍ତୀ କାର୍ଯ୍ୟକ୍ରମରେ ଶିଶୁ ଶୁଭଲକ୍ଷ୍ମୀ ମହାପାତ୍ର ଗଳ୍ପ ମାଧ୍ୟମରେ ଅହଂକାର କିପରି ଦୂର କରାଯାଇପାରିବ ପ୍ରକାଶ କରିଥିଲେ । ସଂଯୋଜିକା ନମିତା ଚୌଧୁରୀ ଆଲୋଚନାର ସାରାଂଶ ବୁଝାଇଥିଲେ ।

## ■ ପରିତ୍ୟକ୍ତ ହୋଇପଡିଛି ସୀତାସାଗର

# କୂଳ ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

**ପାରଳାଖେମୁଣ୍ଡି,୨୧।୪ (ସ୍ୱ.ପ୍ର.)**

- ■ ଚାରିକଡରୁ ପୋତି ହୋଇ ସଙ୍କୁଚିତ ହୋଇଚାଲିଛି
- ■ ଲିଜ୍ ନେଇଛି ମତ୍ସ୍ୟଜୀବୀ ସମବାୟ ସମିତି

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଐତିହାସିକ ସୀତାସାଗର ପୋଖରୀ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡିଛି। ଏହାର କୂଳ ଏବେ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି, ଯେଉଁ ସୀତାସାଗର ପୋଖରୀ ଦିନେ ପାରଳାଖେମୁଣ୍ଡି ସହରର ଐତିହ୍ୟ ଥିଲା। ସହର ଉପକଣ୍ଠସ୍ଥ ଜମିଗୁଡିକ ଜଳସେଚନ ପାଇଁ ଥିଲା ଏକ ବୃହତ୍ ମାଧ୍ୟମ, ତାହା ଏବେ ପରିତ୍ୟକ୍ତ ହୋଇପଡିଛି। ଏହା ସହରର ନିଛାଟିଆ ଅଞ୍ଚଳ ହୋଇଥିବାରୁ ସନ୍ଧ୍ୟାରେ ଲୋକଙ୍କ ଯାତାୟାତ କମିଯାଏ । ଏହାର ସୁଯୋଗ ଅସାମାଜିକ ଲୋକମାନେ ନେଇଥାନ୍ତି। ସେମାନେ ସାଗର ପୋଖରୀ ପାହାଚରେ ବସି ମଦ୍ୟପାନ କରନ୍ତି। ଏହାର ପୁନରୁଦ୍ଧାର ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ସୀତାସାଗରର ପୁନରୁଦ୍ଧାର ନ ହେବାରୁ ଏହା ଅଳିଆ,ଆବର୍ଜନା ଏବଂ ମାଟିରେ ଚାରିକଡରୁ ପୋତି ହୋଇ ଧୀରେ ଧୀରେ ସଙ୍କୁଚିତ ହେବାରେ ଲାଗିଛି । ମହାରାଜାଙ୍କ ଅମଳର ଏହି ପୁରାତନ ପୋଖରୀ ପାରଳାଖେମୁଣ୍ଡି ସହରର ବହୁ ଐତିହ୍ୟ ବହନ କରୁଛି । ଗତ ୨୦୦୭ରେ ସାଗରର ସଫେଇ କାର୍ଯ୍ୟ ହେବା ପରେ ୨୦୧୨ ପର୍ଯ୍ୟନ୍ତ ଏହା କିଛିଟା କାର୍ଯ୍ୟକ୍ଷମ ହେଉଥିଲା । ପାରଳାଖେମୁଣ୍ଡିସ୍ଥିତ ମତ୍ସ୍ୟଜୀବୀ ସମବାୟ ସମିତି ପ୍ରତି ବର୍ଷ ନିୟମ ଅନୁଯାୟୀ ଏହାକୁ ଲିଜ୍ ନେଉଛି । ମାତ୍ର ଏହି ପୋଖରୀରୁ କୌଣସି ମାଛ ଉତ୍ପାଦନ ହୋଇପାରୁ ନାହିଁ କି ପୋଖରୀ ସ୍ଥାନୀୟ ଅଞ୍ଚଳରେ କୌଣସି କାର୍ଯ୍ୟରେ ଆସିପାରୁନାହିଁ । ମତ୍ସ୍ୟଜୀବୀମାନେ ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଓ ରାଜ୍ୟ ସ୍ତରରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ସୀତାସାଗର।

## ■ ୨୩ରେ ୩ୟ ପର୍ଯ୍ୟାୟ ଭୋଟ ଗ୍ରହଣ

# ବ୍ରହ୍ମପୁରରୁ ପୁରୀ ଯିବେ ୨୦୦ କନଷ୍ଟେବଲ, ୫ ଇନ୍ସପେକ୍ଟର

**ବ୍ରହ୍ମପୁର ଅଫିସ, ୨୧।୪**

ସାଧାରଣ ନିର୍ବାଚନର ପ୍ରଥମ ଓ ୨ୟ ପର୍ଯ୍ୟାୟ ମତଦାନ ଇତିମଧ୍ୟରେ ଶେଷ ହୋଇଛି । ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁର ପୋଲିସ ଜିଲା ଓ ଗଞ୍ଜାମ ପୋଲିସ ଜିଲା ଅନ୍ତର୍ଗତ ଲୋକ ସଭା ଓ ବିଧାନସଭାରେ ମଧ୍ୟ ଭୋଟ ଗ୍ରହଣ ସରିଛି । ଜିଲା ପୋଲିସ, ରିଜର୍ଭ ପୋଲିସ ଓ ସିଆରପିଏଫର କଡା ସୁରକ୍ଷା ବ୍ୟବସ୍ଥାରେ ସମସ୍ତ ନିର୍ବାଚନ କାର୍ଯ୍ୟ ଶେଷ ହୋଇଛି। ଆସନ୍ତା ୨୩ ତାରିଖରେ ତୃତୀୟ ପର୍ଯ୍ୟାୟ ମତଦାନ ହେବ। ଏଥିପାଇଁ ଶନିବାର ବ୍ରହ୍ମପୁର ପୋଲିସ ଜିଲାର ୨୦୦କନଷ୍ଟେବଲ ଓ ୫ ଇନ୍ସପେକ୍ଟର ପୁରୀ ଯାଇଛନ୍ତି। ଗୋଷାଣିନୂଆଗାଁ ଥାନାଧିକାରୀ ସୁମିତ କୁମାର ସୋରେନ, ବୈଦ୍ୟନାଥପୁର ଥାନାଧିକାରୀ ସାରଦା ପ୍ରସନ୍ନ ଦାସ, ଟ୍ରାଫିକ ଥାନାଧିକାରୀ ସୁମନ୍ତ କୁମାର କିଷାନ, ଦିଗପହଣ୍ଡି ଥାନାଧିକାରୀ ଗୌରାଙ୍ଗ ସାହୁ ଏବଂ ମେରାଇନ ଥାନାଧିକାରୀ ବସନ୍ତ ସେଠୀ ଏହି ଟିମ୍‌ରେ ସାମିଲ ଅଛନ୍ତି । ୩ୟ ପର୍ଯ୍ୟାୟ ମତଦାନ ସରିବା ପରେ ସେମାନେ ପୁଣି ଥରେ ବ୍ରହ୍ମପୁର ପୋଲିସ ଜିଲାକୁ ଫେରି ଆସିବେ। ବ୍ରହ୍ମପୁର ସହରରେ ବର୍ତ୍ତମାନ ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀ ଯାତ୍ରା ଚାଲିଥିବା ବେଳେ ବିଭିନ୍ନ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି । ସେହିପରି ଆଇଟିଆଇ ଓ ପଲିଟେକନିକରେ ଇଭିଏମ ରଖିବା ପାଇଁ ଷ୍ଟ୍ରଙ୍ଗ ରୁମ କରାଯାଇଛି । ସେଥିରେ ୩ ଥାକିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ ଠାକୁରାଣୀ ଯାତ୍ରା ସରି ଆସୁଥିବା ବେଳେ ଲୋକଙ୍କ ଭିଡ଼ ପରିଲକ୍ଷିତ ହେଉଛି । ଯାତ୍ରା ପାଇଁ ବ୍ରହ୍ମପୁର ଏବେ ଉତ୍ସବମୁଖର ହୋଇପଡିଛି । ଗଞ୍ଜାମ ଜିଲା ସମେତ ପଡୋଶୀ ଆନ୍ଧ୍ରପ୍ରଦେଶ ଓ ପୁରୀ ଜିଲାରୁ ପ୍ରତିଦିନ ଶହଶହ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ପାଇଁ ବ୍ରହ୍ମପୁର ଆସୁଛନ୍ତି । ଫଳରେ ଯାତ୍ରା ଅଞ୍ଚଳରେ ଲୋକଙ୍କ ଭିଡ଼ ବଢ଼ିବାରେ ଲାଗୁଛି । ସନ୍ଧ୍ୟା ହେଲେ ଏହି ଭିଡ ନିୟନ୍ତ୍ରଣ କରିବା ସହ ଟ୍ରାଫିକ ମୁକାବିଲା ପାଇଁ ପୋଲିସ ନାକେଦମ ହେଉଛି । ଏବେ ଏସ୍‌ଏସ୍‌ଭିଟି ସିନେମା ହଲ୍ ପଡିଆ ଓ ସିଟି ହାଇସ୍କୁଲ ଖେଳ ପଡିଆ ନିକଟରେ ମିନା ବଜାର ଚାଲିଥିବା ବେଳେ ସେଠାରେ ସନ୍ଧ୍ୟାରେ ପ୍ରବଳ ଜନସମାଗମ ହେଉଛି । ଲୋକଙ୍କ ସୁରକ୍ଷା ପାଇଁ ଉଭୟ ସ୍ଥାନରେ ପର୍ଯ୍ୟାପ୍ତ ପୋଲିସ ମୁତୟନ କରାଯାଇ ପାରୁନାହିଁ । ଏଭଳି ସ୍ଥିତିରେ ବ୍ରହ୍ମପୁର ପୋଲିସ ଜିଲାରୁ ଅନ୍ୟ ଜିଲାକୁ ପୋଲିସ ଫୋର୍ସ ନେଇଯିବା ପରେ ବ୍ରହ୍ମପୁରବାସୀଙ୍କୁ ସୁରକ୍ଷା ଦେବ କିଏ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ହୋଇଛି । ଏନେଇ ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତିଙ୍କୁ ପଚାରିବାରୁ ଆମ ପାଖରେ ଷ୍ଟୁଡେଣ୍ଟ ଭଲ୍ୟୁଣ୍ଟର ଏବଂ ଓଆର କନଷ୍ଟେବଲ ଅଛନ୍ତି । ସେମାନଙ୍କୁ ନେଇ ଲୋକଙ୍କୁ ସୁରକ୍ଷା ଦିଆଯିବ ବୋଲି ସେ କହିଛନ୍ତି ।



ଠାକୁରାଣୀ ଯାତ୍ରା ପାଇଁ ଖୋଲା ଯାଇଥିବା ମିନା ବଜାରରେ ଲୋକଙ୍କ ଭିଡ଼ ଜମିଥିବା ବେଳେ ପୋଲିସର ଦେଖା ନାହିଁ ।

## ସଂକ୍ଷେପରେ

### ଖମ୍ବେଶ୍ୱରୀ ଠାକୁରାଣୀଙ୍କ ବୈଶାଖୀ ଯାତ୍ରା



**ଆସିକା,୨୧।୪(ଡି.ଏନ୍.ଏ.):** ଆସିକାର ଆରାଧ୍ୟ ଦେବୀ ମା' ଖମ୍ବେଶ୍ୱରୀ ଠାକୁରାଣୀଙ୍କ ବୈଶାଖୀ ଯାତ୍ରା ମେ ୧୨ରେ ଅନୁଷ୍ଠିତ ହେବ। ଏଥିପାଇଁ ପରମ୍ପରା ମୁତାବକ ଚୈତ୍ର ପୂର୍ଣ୍ଣିମା ଶୁକ୍ରବାରଠାରୁ ଠାକୁରାଣୀଙ୍କ ବିଜେ ପ୍ରତିମାକୁ ବିମାନରେ ସ୍ଥାପନ କରି ବାଦ୍ୟବଜାଣା ସହ ପଟୁଆରରେ ନଗର ପରିକ୍ରମା ଆରମ୍ଭ ହୋଇଛି। ପରିକ୍ରମାର ପ୍ରଥମ ଦିବସରେ ଖମ୍ବେଶ୍ୱରୀ ପାଟଣା ସାହିର ରାଜେନ୍ଦ୍ର ପାତ୍ରଙ୍କ ବାସଭବନ ସମ୍ମୁଖରେ ଠାକୁରାଣୀଙ୍କୁ ବିଜେ କରାଯାଇ ପୂଜାର୍ଚ୍ଚନା ପରେ ପୁଣି ଠାକୁରାଣୀ ନଗର ପରିକ୍ରମା କରି ମନ୍ଦିରକୁ ଫେରିଥିଲେ। ସେହିପରି ପ୍ରତିଦିନ ଖମ୍ବେଶ୍ୱରୀପାଟଣା, କୁମ୍ଭାର ସାହି, ବସଷ୍ଟାଣ୍ଡ, ବାଣିବିହାର, ରଘୁନାଥ ନଗର, ଲକ୍ଷ୍ମୀ ବଜାର, ବିନାୟକ ବଜାର, ଅଶୋକା ସିନେମା ହଲ ରୋଡ ଆଦି ଅଞ୍ଚଳରେ ଠାକୁରାଣୀଙ୍କୁ ବିଜେ କରାଯାଇ ପୂଜାର୍ଚ୍ଚନା କରାଯିବାର ବ୍ୟବସ୍ଥା କରାଯାଇଛି। ମେ ୧୧ରେ ମନ୍ଦିର ପକ୍ଷରୁ ଠାକୁରାଣୀଙ୍କ ଶେଷ ପଟୁଆରରେ ଅଣାଯାଇ ଖମ୍ବେଶ୍ୱରୀ ପାଟଣା ସ୍କୁଲ ନିକଟରେ ଅସ୍ଥାୟୀ ମଣ୍ଡପରେ ବିଜେ କରାଯାଇ ଯାତ୍ରା ଉତ୍ସବ ଅନୁଷ୍ଠିତ ହେବ। ମନ୍ଦିର ପରିଚାଳନା କମିଟିର ସଭାପତି ସତ୍ୟନାରାୟଣ ସ୍ୱାଇଁ, ଯାତ୍ରା କମିଟି ସଭାପତି ନିମାଇ ଚରଣ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଠାକୁରାଣୀଙ୍କ ଯାତ୍ରା ଉତ୍ସବ ପରିଚାଳିତ ହେଉଛି।

### ବଜ୍ରପାତରେ ଜଣେ ମୃତ

**ଶଙ୍କରାଖୋଲ,୨୧।୪(ଡି.ଏନ୍.ଏ.)-** ଟିକାବାଲି ଥାନା ଚକାପାଦ ବ୍ଲକ (ବି) ବପଲମେଣ୍ଡି ପଞ୍ଚାୟତ ତେନ୍ତୁଳିସାହିରେ ଶନିବାର ସନ୍ଧ୍ୟାରେ ବଜ୍ରପାତରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ (୬୫)। ଟିକାବାଲି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ନଂ.୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଆଦିତ୍ୟ କୁମାର ସେଠୀ କହିଛନ୍ତି। ବୃଦ୍ଧ ଜଣକ ସନ୍ଧ୍ୟାରେ ଗାଈ ଆଣିବାକୁ ବାହାରକୁ ଯାଇଥିବା ବେଳେ ବଜ୍ରପାତର ଶୀକାର ହୋଇଥିଲେ।

### ଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଗୁଣପୁର,୨୧।୪(ଡି.ଏନ.ଏ)-** ରାୟଗଡା ଜିଲା ଗୁଣପୁର କଲେଜ ନିକଟରେ ଥିବା ସିଦ୍ଧିବିନାୟକ ତଥା ଗଣେଶ ମନ୍ଦିରର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିଲାଗି ମନ୍ଦିରରେ ସ୍ୱତନ୍ତ୍ର ପୂଜା ରୀତିନୀତି ହୋଇଥିଲା। ଗଣେଶଙ୍କ ଚଳନ୍ତି ପ୍ରତିମାକୁ ମଣ୍ଡପରେ ସ୍ଥାପନ କରାଯାଇ ହୋମଯଜ୍ଞ, ସହସ୍ରାର୍ଚ୍ଚନ ପୂଜା ଆଦି କରାଯାଇଥିଲା। ମନ୍ଦିରର ପୂଜକ ଶିବରାମ ରଥ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ନବୀନ ରଥ, ପ୍ରକାଶ ରଥ, ସୂର୍ଯ୍ୟନାରାୟଣ ରଥ ପ୍ରମୁଖ ପୂଜା କାର୍ଯ୍ୟ କରିଥିଲେ। ପ୍ରତିଷ୍ଠା ଉତ୍ସବ ଲାଗି ୪ ପ୍ରହର ନାମଯଜ୍ଞ ଆୟୋଜିତ ହୋଇଥିଲା।

### କୈବର୍ତ୍ତ ସମାଜର ଚଇତି ପର୍ବ



**ବେଗୁନିଆପଡା,୨୧।୪(ଡି.ଏନ୍.ଏ.):** ଘୁମୁସର ଦେଶ କୈବର୍ତ୍ତ ସମାଜ ଚଇତି ପର୍ବ ଅନୁଷ୍ଠିତ ହୋଇଯାଇଛି। ଚୈତ୍ର ପୂର୍ଣ୍ଣିମାରୁ ଆରମ୍ଭ ହୋଇ ଏହା ୯ଦିନ ଧରି ଚାଲିବ। ଏଥିରେ ମା' ମଙ୍ଗଳାଙ୍କ କୁମ୍ଭ ସହ ୨ଚଇତି ଘୋଡାକୁ ସୁସଜ୍ଜିତ କରି ଗାଁ ଗାଁ ବୁଲି ମା'ଙ୍କ ମହିମା ପ୍ରଚାର କରୁଛନ୍ତି। ବେଗୁନିଆପଡା ବ୍ଲକର ବେଗୁନିଆପଡା ଓ କେ. ବରିଡା ଗ୍ରାମର ମଙ୍ଗଳାଙ୍କ ଯାତ୍ରା ଅନୁଷ୍ଠିତ ହୋଇଛି। ଶେଷଦିନ ମା'ଙ୍କ ପୀଠରେ ବିରାଟ ପର୍ବ ପାଳନ କରାଯାଏ। ଏଥିରେ ହଜାର ହଜାର ଭକ୍ତ ଯୋଗ ଦେଇଥାନ୍ତି। ବେଗୁନିଆପଡାରେ ସଭାପତି ସରୋଜ କୁମାର ମାଝି ଓ ଯୋଗେନ୍ଦ୍ର ବେହେରା, କେ. ବରିଡାରେ ଦେବବ୍ରତ ମାଝି ଓ ହୀନ ମାଝିଙ୍କ ନେତୃତ୍ୱରେ ଏହି ପର୍ବ ପାଳନ କରାଯାଉଛି।

## ମାଓବାଦୀଙ୍କୁ ଚକ୍‌ମା ଦେଲେ ଯବାନ

# ଭିଡିଓ ଭାଇରାଲ, ପୋଲିଂ ପାର୍ଟିର ପ୍ରଶଂସା

**ଦାରିଙ୍ଗବାଡି,୨୧।୪(ଡି.ଏନ.ଏ.)**

ଦ୍ୱିତୀୟ ପର୍ଯ୍ୟାୟରେ ମାଓବାଦୀ ପ୍ରବଣ କନ୍ଧମାଳ ଜିଲାରେ ନିର୍ବାଚନ ଶେଷ ହୋଇଛି। ସୁରକ୍ଷାରେ ଇଭିଏମ୍ ଗୁଡିକ ଷ୍ଟ୍ରଙ୍ଗ ରୁମ୍‌ରେ ପହଞ୍ଚିଛି। ଏବେ ଗଣନାକୁ ଅପେକ୍ଷା। ମାତ୍ର ଏହାମଧ୍ୟରେ ଯବାନମାନେ କିପରି ମାଓବାଦୀମାନଙ୍କୁ ଚକ୍‌ମା ଦେଇ ପୋଲିଂପାର୍ଟିକୁ ଜଙ୍ଗଲ ରାସ୍ତାରେ ସୁରକ୍ଷିତ ଭାବେ ଆଣି ପହଞ୍ଚାଇଛନ୍ତି ତାହାର ଏକ ଭିଡିଓ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୋଲିଂ ପାର୍ଟିରେ ଥିବା କେତେଜଣ କର୍ମଚାରୀ ମଧ୍ୟ ଅନ୍ଧାର ରାତିରେ ଜଙ୍ଗଲରେ ବିତାଇଥିବା ଘଟଣାକୁ ବଖାଣି ଛନ୍ତି।

ପ୍ରକାଶ ଯେ, ଜିଲାର କୋଟଗଡ, ତୁମୁଡିବନ୍ଧ ଏବଂ ଫିରିଙ୍ଗିଆ ଭଳି ମାଓବାଦୀ ପ୍ରବଣ ଅଞ୍ଚଳର ଦୁର୍ଗମ ପାରିଗଡ, ଲାଞ୍ଜାମି, ଲଙ୍କାଗଡ ଭଳି ଅଞ୍ଚଳରୁ ବେଶ୍ ଚତୁରତାର ସହ ଯବାନମାନେ ପୋଲିଂପାର୍ଟିକୁ ଆଣିଥିଲେ। ନିର୍ବାଚନ ଗୋଟିଏ ଦିନ ପୂର୍ବରୁ ପୋଲିଂ ପାର୍ଟି ଗାଡି ପୋଡିବା ସହ ନିର୍ବାଚନ ଦାୟିତ୍ୱରେ ଥିବା ଜଣେ ଗ୍ରାମରୋଜଗାର ସେବିକାଙ୍କୁ ଗୁଳିକରି ହତ୍ୟା କରିଥିଲେ ମାଓବାଦୀ। କିପରି ଶାନ୍ତିଶୃଙ୍ଖଳାରେ ନିର୍ବାଚନ ହେବ ଓ ପୋଲିଂ ପାର୍ଟି ସୁରକ୍ଷିତ ଭାବେ ଇଭିଏମ୍ ଆଣି ଷ୍ଟ୍ରଙ୍ଗରୁମ୍‌ରେ ପହଞ୍ଚାଇବେ ତାହା ପ୍ରଶାସନ ପାଇଁ ଚାଲେଞ୍ଜ ଥିଲା। ଏଥିରେ ଯବାନମାନେ ବେଶ୍ ଚତୁରତା ଦେଖାଇଥିଲେ। ପୋଲିଂ ପାର୍ଟିକୁ ସୁରକ୍ଷା ଦେଇ ଜଙ୍ଗଲ ରାସ୍ତାରେ ୧୫ ରୁ ୩୫ କିମି ରାସ୍ତା ଚାଲିଚାଲି ଆସିଥିଲେ। କେତେକ ସ୍ଥାନରେ ଏହାର ଭିଡିଓ ଉତ୍ତୋଳନ କରାଯାଇଥିଲା। ଭିଡିଓଟିରେ ଯବାନମାନେ କିପରି ଜଙ୍ଗଲରାସ୍ତା ଓ ନଦୀନାଳ ଅତିକ୍ରମ କରି ଆସୁଛନ୍ତି ତାହା ଦେଖିବାକୁ ମିଳୁଛି।

ଅନେକ କର୍ମଚାରୀ ନିଜ ଅନୁଭୂତି ବଖାଣି କହିଛନ୍ତି, ମତଦାନ ପରେ ଯବାନମାନେ ପୋଲିଂପାର୍ଟି ଯେଉଁସବୁ ଯାନରେ ଯାଇଥିଲେ ସେଗୁଡିକୁ ସେଠାରେ ଛାଡି ଜଙ୍ଗଲ ରାସ୍ତାରେ ରାତିତମାମ ଚଲାଇ ଚଲାଇ ଆଣିଥିଲେ। କେବଳ ଇଭିଏମ୍ ଓ ଆବଶ୍ୟକ କାଗଜପତ୍ର ସାଙ୍ଗରେ ଆଣିବାକୁ କହିଥିଲେ। ଏପରିକି ପୋଷାକ ଏବଂ ନିତ୍ୟ ବ୍ୟବହାର ସାମଗ୍ରୀ ମତଦାନ କେନ୍ଦ୍ରରେ ଛାଡି ଆସିବାକୁ କହିଥିଲେ। କାରଣ ଇଭିଏମ୍ ମେଶିନ ସହ ଏସବୁ ଜଙ୍ଗଲ ରାସ୍ତାରେ ବୋହିନେବା ସମ୍ଭବପର ନ ଥିଲା। ଭୋକହେଲେ ବାଟରେ ବିସ୍କୁଟ ଖାଇବାକୁ ଦେଉଥିଲେ, ଆବଶ୍ୟକସ୍ଥଳେ ଔଷଧ ମଧ୍ୟ ଦେଉଥିଲେ। ଯେଉଁଠି ଚାଲି ନପାରି ପୋଲିଂ ପାର୍ଟିର କର୍ମଚାରୀମାନେ ଥକି ପଡୁଥିଲେ ସେଠାରେ ବିଶ୍ରାମ ନେବାକୁ କହି ଯବାନମାନେ ତାଙ୍କୁ ଜଗି ରହୁଥିଲେ। ବୟସ୍କ ପୋଲିଂ କର୍ମଚାରୀମାନଙ୍କୁ ଚାଲିବାରେ ସହାୟତା ମଧ୍ୟ କରୁଥିଲେ। କୌଣସି ପ୍ରକାର ଶବ୍ଦ କରିବାକୁ ବାରଣ କରିବା ସହ ଲାଇଟ, ମୋବାଇଲ ସବୁ ବନ୍ଦ କରିଦେଇଥିଲେ। ଏଥିପାଇଁ ଯବାନଙ୍କୁ ପୋଲିଂ ପାର୍ଟି ପ୍ରଶଂସା କରିଛନ୍ତି।



ଭାଇରାଲ ଫଟୋ: ଜଙ୍ଗଲ ଭିତରେ ଯବାନଙ୍କ ସୁରକ୍ଷା ଭିତରେ ପୋଲିଂ ପାର୍ଟି।

# ଖରାଦିନେ ବରଡ଼ା ଶାଗ ଚାହିଦା

## କେଜି ୧୦୦ ଟଙ୍କା, ବ୍ୟବସାୟରେ ଭଲ ଆୟ

**ଫୁଲବାଣୀ ଅଫିସ, ୨୧।୪**

କନ୍ଧମାଳ ଜିଲା ପଛୁଆ ଅଞ୍ଚଳ ଭାବେ ପରିଚିତ ହେଲେ ମଧ୍ୟ ଏଠାରେ ମିଳୁଥିବା କେତେକ ଦ୍ରବ୍ୟର ଚାହିଦା ବହୁ ଉଚ୍ଚରେ। କନ୍ଧମାଳ ହଳଦୀ ବିଶ୍ୱ ପ୍ରସିଦ୍ଧ। ଜୈବିକ ପଦ୍ଧତିରେ ଚାଷ ହେଉଥିବା ଏହି ହଳଦୀକୁ ନିକଟରେ ମିଳିଛି ଜିଆଇ ମାନ୍ୟତା। ବର୍ଷାଦିନେ ବାଟି ଛତୁ, ଶ୍ରାବଣ କଡ଼ର ଚାହିଦା ମଧ୍ୟ ରହିଛି। ଯାହାକୁ କିଲୋ ପ୍ରତି ୪୦୦ରୁ ୫୦୦ ଟଙ୍କାରେ ବିକ୍ରି କରାଯାଏ। ସେହିପରି ଖରାଦିନ ଆରମ୍ଭରୁ ଜିଲାରେ ମିଳେ ବରଡା ଶାଗ। ପ୍ରାୟ ଏପ୍ରିଲ ମାସ ତୃତୀୟ ସପ୍ତାହରୁ ଜୁନ ଶେଷ ପର୍ଯ୍ୟନ୍ତ ଏହା ବଜାରରେ ମିଳେ। ସାଧାରଣତଃ ଶାଗକୁ ବିଡ଼ାରେ ବିକ୍ରି କରା ଯାଉଥିବା ବେଳେ ବରଡ଼ା ଶାଗକୁ ଓଜନରେ ବିକ୍ରି କରାଯାଏ। ଯାହାର ଦର କେଜି ପ୍ରତି ୧୦୦ ଟଙ୍କା। ଋତୁକାଳୀନ ଏହି ଶାଗ ବିକି ବ୍ୟବସାୟୀ ଲାଭବାନ ହେଉଛନ୍ତି। ଏପରିକି ଜଣେ ଜଣେ ଦିନକୁ ୨ରୁ ୩ ହଜାର ଟଙ୍କାର କେବଳ ବରଡା ଶାଗ ବିକିଥାନ୍ତି।

ବରଡ଼ା ଗଛର କଅଁଳିଆ ପତ୍ରକୁ ଶାଗ ଭାବେ ଖିଆଯାଏ। ଏହି ଗଛ ଚାକୁଣ୍ଡା ସଦୃଶ। ଏଥିରେ ଚଢ଼ି କଅଁଳ ପତ୍ର ତୋଳିବା ବହୁ କଠିନ କାର୍ଯ୍ୟ। ବର୍ଷାଦିନେ ପତ୍ର ବଡ ହୋଇଗଲେ ପୁଣି ଅପେକ୍ଷା ରୁହେ ଆରବର୍ଷକୁ। କୌଣସି ସାର ପିଡିଆ ଦିଆଯାଇ ବରଡ଼ା ଶାଗ ହେଉ ନ ଥିବାରୁ ଏହା ସମ୍ପୂର୍ଣ୍ଣ ହାଇଜେନିକ ବୋଲି ସହରବାସୀ ମତ ଦିଅନ୍ତି। ୧୦/୧୫ ବର୍ଷ ତଳେ ଏହା କମ୍ ଦାମରେ ବିକ୍ରି ହେଉଥିଲା। ୧ ଟଙ୍କାରେ ପାଏ ବା ୨୫୦ ଗ୍ରାମ ଶାଗ ମିଳୁଥିଲା। ଏବେ କେଜି ୧୦୦ ଟଙ୍କା ହେଲାଣି। ଟଙ୍କା ଯେତେ ହେଉ, ଏହି ଶାଗ ଖାଇବା ମଜା ନିଆରା ବୋଲି ଫୁଲବାଣୀର ସୁବାସ ବେହେରା ପ୍ରକାଶ କରିଛନ୍ତି।

ସେହିପରି ଫୁଲବାଣୀ ସହରକୁ ଶାଗ ବିକ୍ରି କରିବାକୁ ଆସିଥିବା ଜି.ଉଦୟଗିରିର ଅବଦୁଲ ଆଲଫା କୁହନ୍ତି, ପ୍ରତିଦିନ ୩ରୁ ୪ ହଜାର ଟଙ୍କାର ଶାଗ ବିକ୍ରି କରୁଛି। ରବିବାର ହେତୁ ବ୍ୟବସାୟ ଟିକେ ମାନ୍ଦା ଥିଲେ ବି ୧୭୦୦ ଟଙ୍କାର ଶାଗ ବିକିଛି। ଅନ୍ୟଦିନେ ପ୍ରାୟ ମଧ୍ୟାହ୍ନ ସୁଦ୍ଧା ୩୦ କିଲୋ ପାଖାପାଖି ଶାଗ ବିକ୍ରି ସରିଯାଏ।



ଜଣେ ମହିଳା ବରଡା ଶାଗ କିଣୁଛନ୍ତି।

# ଦାରିଙ୍ଗବାଡ଼ିରେ ଠାକୁରାଣୀ ଯାତ୍ରା, ଘଟ ପରିକ୍ରମା

**ଦାରିଙ୍ଗବାଡି,୨୧।୪(ଡି.ଏନ.ଏ)**

ଦାରିଙ୍ଗବାଡି ଠାରେ ମା' ଠାକୁରାଣୀଙ୍କ ଯାତ୍ରା ଧୁମ୍‌ଧାମ୍‌ରେ ପାଳନ କରାଯାଉଛି। ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ଯାତ୍ରା ରବିବାର ଷଷ୍ଠ ଦିନରେ ପହଞ୍ଚିଛି। ପଞ୍ଚମ ଦିନରେ ମା'ଙ୍କ ଘଟ ପରିକ୍ରମା କରାଯାଇ ଲୋହରାସାହିରେ ପୂଜାର୍ଚ୍ଚନା ସହ ଦର୍ଶନ କାର୍ଯ୍ୟକ୍ରମ କରାଯାଇଛି। ଶୁକ୍ରବାର ଘଟ ପରିକ୍ରମା କରାଯାଇ ଶିବମନ୍ଦିର ସାହିରେ ପହଞ୍ଚିଥିଲା ସେଠାରେ ପୂଜାର୍ଚ୍ଚନା କରାଯିବା ସହ ସାହି ବାସିନ୍ଦା ଦର୍ଶନ କରିଥିଲେ। ମାନସିକଧାରୀମାନେ ମା'ଙ୍କୁ ପଣା ସହ ଭୋଗ ଲାଗି କରିଥିଲେ। ସେହିପରି ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପତିତପାବନ ରାଉତଙ୍କ ନିର୍ଦ୍ଦେଶନାରେ ସାମାଜିକ ନାଟକ 'ବନ୍ଧୁ ବାନ୍ଧିଛି ମୁଁ ଲୁହ ସାଥିରେ' ମଞ୍ଚସ୍ଥ କରାଯାଉଛି। କାର୍ଯ୍ୟକ୍ରମକୁ ମା' ଠାକୁରାଣୀ କମିଟି ପକ୍ଷରୁ ଆୟୋଜନ କରାଯାଇଛି। ଆସନ୍ତା ୨୭ରେ ପୂର୍ଣ୍ଣାହୁତି କରାଯିବ ବୋଲି କମିଟିର ସଭାପତି ଲଡ୍ଡୁ କିଶୋର ସାହୁ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ଭଗବାନ ସାହୁ, ରୋଶନ କୁମାର ସାହୁ, ବିରଞ୍ଚିନାରାୟଣ ସାହୁ, ଅମରେଶ ସାହୁ, ମନୋଜ କୁମାର ସାହୁ, ରଞ୍ଜିତ ସେନାପତି, ଶିବ ଶଙ୍କର ସାହୁ ପ୍ରମୁଖ ପରିଚାଳନା କରୁଛନ୍ତି।

ସୂଚନା ଯୋଗ୍ୟଯେ, ୩ବର୍ଷକୁ ଥରେ ଏହି ଯାତ୍ରା କରାଯାଉଛି। ମଙ୍ଗଳବାର ପୂର୍ବାହ୍ନରେ ଶିବ ମନ୍ଦିର ପ୍ରାଙ୍ଗଣରେ ଜଳ, କଳସ ପୂଜା ସହ ଗ୍ରାମର ଦେବାଦେବୀଙ୍କୁ ନିମନ୍ତ୍ରଣ, ଆଜ୍ଞାମାଳ, ଆବାହନ ଆଦି କରାଯିବା ସହ ଜଳ ଶୋଭାଯାତ୍ରା କରାଯାଇ ସହର ପରିକ୍ରମା ପରେ ମା'ଙ୍କ ପୀଠରେ ପହଞ୍ଚିଥିଲେ। ପରେ ମା'ଙ୍କୁ ଅସ୍ଥାୟୀ ମନ୍ଦିରକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଉଛି। ସେହିପରି ତୋରଣ, ଆଲୁଅ ସାଜସଜ୍ଜାରେ ଦାରିଙ୍ଗବାଡି ସହର ଝଲସୁଛି। ପ୍ରତିଦିନ ସନ୍ଧ୍ୟାରେ ମା'ଙ୍କ ଘଟ ସହର ପରିକ୍ରମା କରାଯିବା ସହ ଯେଉଁ ସାହିବାସିନ୍ଦା ନିମନ୍ତ୍ରଣ କରୁଛନ୍ତି ସେଠାରେ ମା'ଙ୍କୁ ବିରାଟ ଶୋଭାଯାତ୍ରାରେ ନେଇ ପହଞ୍ଚାଯାଉଛି। ସେହି ସାହିରେ ମା'ଙ୍କୁ ଅସ୍ଥାୟୀ ଭାବେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ସହ ହୋମ ଯଜ୍ଞ ଆଦି କରାଯାଉଛି।



ମା'ଙ୍କ ଅସ୍ଥାୟୀ ମଣ୍ଡପରେ ଘଟ ପୂଜା କରାଯାଉଛି।

## ଗାଈ ସହ ଧକ୍କା ହେଲା ବାଇକ୍

# ବାପା ମୃତ, ପୁଅ ସମେତ ୨ ଆହତ

**ଆସିକା,୨୧।୪(ଡି.ଏନ୍.ଏ.)**

କଣ୍ଟେଇପଲ୍ଲୀ-ସୋରଡା ରାସ୍ତାର ଗାଙ୍ଗପୁର ଥାନା କୁଲାଙ୍ଗି ପୋଲ ନିକଟରେ ରବିବାର ଅପରାହ୍ନ ପ୍ରାୟ ୧ଟାରେ ଗାଈକୁ ଧକ୍କା ଦେଇ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ଜଣକର ମୃତ୍ୟୁ ଘଟିଥିବାବେଳେ ୨ଆରୋହୀ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଶଙ୍କର ପାତ୍ର (୪୯)। ଆହତମାନେ ହେଲେ ଶଙ୍କରଙ୍କ ପୁଅ ବିଚିତ୍ର ଏବଂ ତାଙ୍କର ଜଣେ ସମ୍ପର୍କୀୟ ଚନ୍ଦ୍ରଶେଖର ପରିଡା। ଆହତମାନଙ୍କୁ ଭଞ୍ଜନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମୃତାହତଙ୍କ ଘର ବଡଗଡ ଥାନା କୁମ୍ଭାରପଲ୍ଲୀ ଗ୍ରାମରେ। ପ୍ରକାଶ ଯେ, ଶଙ୍କର, ବିଚିତ୍ର ଓ ଚନ୍ଦ୍ରଶେଖର ବାଇକ (ଓଡି୩୨ସି-୯୪୮୫) ଯୋଗେ ବଡଗଡରୁ ଭଞ୍ଜନଗର ଆସୁଥିଲେ। କୁଲାଙ୍ଗି ପୋଲ ନିକଟରେ ରାସ୍ତା ପାରହେଉଥିବା ଏକ ଗାଈ ସହ ବାଇକ ଧକ୍କା ହେବାରୁ ୩ ଆରୋହୀ ଆହତ ହୋଇଥିଲେ। ସମସ୍ତଙ୍କୁ ଭଞ୍ଜନଗର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଶଙ୍କରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗାଙ୍ଗପୁର ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣା ସମ୍ପର୍କରେ ଗାଙ୍ଗପୁର ଥାନାରେ ନଂ.୭୯/୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

# ନୀଳକଣ୍ଠେଶ୍ୱର ବିଦ୍ୟାପୀଠ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

**ଛତ୍ରପୁର,୨୧।୪(ଡି.ଏନ.ଏ)**

ଛତ୍ରପୁର ବ୍ଲକ ଟାଙ୍ଗଣାପଲ୍ଲୀ ନୀଳକଣ୍ଠେଶ୍ୱର ନୋଡାଲ ବିଦ୍ୟାପୀଠର ୧୯୯୪ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ତତ୍କାଳୀନ ଶିକ୍ଷକ ଶଶିଭୂଷଣ ପାତ୍ର, ସୁବାସ ଚନ୍ଦ୍ର ଶତପଥୀ, ସହଦେବ ସାହୁ, ଜଟେଶ୍ୱର ପ୍ରଧାନ, କାମରାଜୁ ମହାରଣା, କୈଳାସ ଚନ୍ଦ୍ର ଶତପଥୀ, ବିଚିତ୍ରା ମଞ୍ଜରୀ ମିଶ୍ର ଏଥିରେ ଯୋଗଦେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ପ୍ରଧାନ ଶିକ୍ଷକ ଇ. କନ୍ୟାକୁମାରୀ ଅତିଥି ରୂପେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଂଶସା କରିଥିଲେ। ପୁରାତନ ଛାତ୍ର ସଂସଦ ଉପଦେଷ୍ଟା ଲକ୍ଷ୍ମୀ ନାରାୟଣ ଶତପଥୀ ଓ କୋରା ମହାରଣା, ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ବିଷୋୟୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଛାତ୍ରୀ ଛାତ୍ରମାନଙ୍କ ପକ୍ଷରୁ ଶିକ୍ଷକଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମେ ଦିବଂଗତ ଶିକ୍ଷକ ଓ କର୍ମଚାରୀମାନଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ସୁଜିତ ମହାରଣା, ଜି. ଚନ୍ଦ୍ରମଣି, ଆଲୋକ କୁମାର ଶତପଥୀ, ତ୍ରିଲୋଚନ ଶତପଥୀ, ଅଜୟ ପଣ୍ଡିତ, ଦେବେନ୍ଦ୍ର ବିଷୋୟୀ, ଡି. ଲିଙ୍ଗରାଜ, ବାଳକୃଷ୍ଣ ଶତପଥୀ, ସନ୍ଧ୍ୟାରାଣୀ ପଣ୍ଡା, ସସ୍ମିତା ବିଷୋୟୀ, ଜୟନ୍ତୀ ମାଳା ପାଢୀଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।




ଉପସ୍ଥିତ ଅତିଥିମାନେ।

# ଜଳଛତ୍ର ଖୋଲିବାକୁ ଦାବି

**ପାଟପୁର,୨୧।୪(ଡି.ଏନ.ଏ.)**

ସାନଖେମୁଣ୍ଡି ବ୍ଲକ ଅଞ୍ଚଳରେ ବର୍ତ୍ତମାନ ପ୍ରବଳ ଗରମ ଅନୁଭୂତ ହେଉଛି। ଏଭଳି ସମୟରେ ଜଳସ୍ତର ତଳକୁ ଚାଲିଯିବା ଯୋଗୁ ନଳକୂଅରୁ ହଠାତ ପାଣି ବାହାରିବା କଷ୍ଟସାଧ ହେଉଛି। ଅନ୍ୟପଟେ ଗ୍ରୀଷ୍ମରେ ନଦୀବନ୍ଧ ଶୁଖିବାକୁ ଲାଗିଲାଣି। ଖରାଦିନେ ବିଭିନ୍ନ ପଞ୍ଚାୟତରେ ସରକାରଙ୍କ ତରଫରୁ ଜଳଛତ୍ର ଖୋଲିବା ଯୋଜନା ରହିଛି। ହେଲେ ଏ ଯାଏ ବ୍ଲକର ହେଡକ୍ୱାଟର ପାଟପୁର ଓ ରାଧାଦେଇପୁର ପଞ୍ଚାୟତରେ କୌଣସି ଜାଗାରେ ଜଳଛତ୍ର ଖୋଲାଯାଇନାହିଁ। ଫଳରେ ପଥଚାରୀ ଓ ଯାତ୍ରୀମାନେ ଶୋଷ ମେଣ୍ଟାଇବା ପାଇଁ ପାଣି ମୁନ୍ଦାଏ ନ ପାଇ ହଇରାଣ ହେଉଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ଜଳଛତ୍ର ଖୋଲିବାକୁ ସାଧାରଣରେ ଦାବି ହେଉଛି।

# ଅନୁଦାନପ୍ରାପ୍ତ ହାଇସ୍କୁଲରେ ନିଯୁକ୍ତ ହେବେ ଉର୍ଦ୍ଦୁ ଶିକ୍ଷକ

**ଛତ୍ରପୁର,୨୧।୪(ଡି.ଏନ.ଏ.):** ଗଞ୍ଜାମ ଜିଲାରେ ଥିବା ସରକାରୀ ଅନୁଦାନପ୍ରାପ୍ତ ଓ ବ୍ଲକ ଗ୍ରାଣ୍ଟ ହାଇସ୍କୁଲଗୁଡିକରେ ଉର୍ଦ୍ଦୁ ଶିକ୍ଷକ ନିଯୁକ୍ତ ହେବେ। ୧୭ ତାରିଖରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟରଙ୍କ ନିକଟରୁ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ଚିଠି (ନଂ.୧୫୮୦୮) ଆସିଛି। ଏ ସମ୍ପର୍କରେ ୨ସପ୍ତାହ ମଧ୍ୟରେ ତଥ୍ୟ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ପୂର୍ବରୁ ଡିସେମ୍ବର ୩ ରେ ମଧ୍ୟ ଏ ସମ୍ପର୍କିତ ଚିଠି ଜିଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ଆସିଥିଲା। ଜିଲାରେ ଥିବା ସରକାରୀ ଅନୁଦାନପ୍ରାପ୍ତ ଓ ବ୍ଲକଗ୍ରାଣ୍ଟ ହାଇସ୍କୁଲଗୁଡ଼ିକରେ ଉର୍ଦ୍ଦୁ ଶିକ୍ଷକ ପଦବୀ ସୃଷ୍ଟି କରି ଜଣାଇବାକୁ କୁହାଯାଇଥିଲା। ସେ ସମ୍ପର୍କରେ କୌଣସି ଉତ୍ତର ଦିଆଯାଇ ନ ଥିବାରୁ ପୁଣି ନିର୍ଦ୍ଦେଶାଳୟରୁ ଚିଠି ଆସିଛି।

# ଭଞ୍ଜନଗର କଲେଜରେ କ୍ୟାମ୍ପସ ଚୟନ

**ଭଞ୍ଜନଗର,୨୧।୪(ଡି.ଏନ.ଏ.)**

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ଶନିବାର କ୍ୟାମ୍ପସ ଚୟନ ହୋଇଥିଲା। ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍ (ଆରଜିଆଇଏଲ) ପକ୍ଷରୁ କ୍ୟାମ୍ପସ ଚୟନ ହୋଇଥିଲା। ଏଥିରେ ଯୁକ୍ତ୩ ଶେଷ ବର୍ଷର ବହୁ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରାରମ୍ଭିକ ଲିଖିତ ଏବଂ ଅନ୍‌ଲାଇନ ପରୀକ୍ଷାରେ ଅନେକ ଛାତ୍ରୀଛାତ୍ର ଉତ୍ତିର୍ଣ୍ଣ ହୋଇଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ଶେଷବର୍ଷ ପରୀକ୍ଷା ଫଳ ପ୍ରକାଶିତ ହେବାପରେ ପ୍ରାରମ୍ଭିକ ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ନେଇ ମୌଖିକ ପରୀକ୍ଷା ହେବ। ଏଥିରେ ଉତ୍ତିର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଭଞ୍ଜନଗର ନିକଟବର୍ତ୍ତି ଅଞ୍ଚଳରେ ହିଁ ନିଯୁକ୍ତି ଦିଆଯିବ। କାର୍ଯ୍ୟକ୍ରମକୁ କଲେଜ ଅଧ୍ୟକ୍ଷ ଡଃ.ନୀଳାଞ୍ଚଳ ମୁନି ଉଦ୍‌ଘାଟନ କରିଥିଲେ। ପ୍ରଫେସର ଡ.ସୁବାସ ଚନ୍ଦ୍ର ପ୍ରଧାନ, ଅଧ୍ୟାପକ ଆର୍‌କେ ଦାସ, ରଜନୀକାନ୍ତ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆରଜିଆଇଏଲ୍ ପରିଚାଳକ (ଏଚ୍‌ଆର) ନିହାର ରାଉତ, ସହକାରୀ ପରିଚାଳକ କମଳାକାନ୍ତ ବେହେରା, ସହକାରୀ ପରିଚାଳକ (ମାର୍କେଟିଙ୍ଗ୍) ପ୍ରିୟରଞ୍ଜନ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।



କ୍ୟାମ୍ପସ ଚୟନରେ ଭାଗ ନେଇଥିବା ଛାତ୍ରୀଛାତ୍ର।

# ଶେଷ ପର୍ଯ୍ୟାୟରେ ଆଦର୍ଶ ବିଦ୍ୟାଳୟ କୋଠା କାମ

**ଭଞ୍ଜନଗର ବ୍ଲକ**

- ଚଳିତ ଶିକ୍ଷାବର୍ଷ ପାଇଁ ଚାଲିଛି ନାମଲେଖା
- ଜିଲୁଣ୍ଡି ହାଇସ୍କୁଲରେ ଅସ୍ଥାୟୀ ଭାବେ ପଢାଯିବ ପାଠ

**ଭଞ୍ଜନଗର,୨୧।୪(ଡି.ଏନ.ଏ.)**

କେନ୍ଦ୍ରୀୟ ବିଦ୍ୟାଳୟ ଭଳି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏ ଆଦର୍ଶ ବିଦ୍ୟାଳୟ ଖୋଲାଯାଉଛି। ସେଠାରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି। ଚଳିତ ଶିକ୍ଷାବର୍ଷଠାରୁ ଭଞ୍ଜନଗର ବ୍ଲକର ଆଦର୍ଶ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହେବ। ଜିଲୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ମଳାସପଦର ଶିଳ୍ପାଞ୍ଚଳ ନିକଟରେ ଆଦର୍ଶ ବିଦ୍ୟାଳୟର ସ୍ଥାୟୀ କୋଠା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଟାଟା କମ୍ପାନୀ ସହାୟତାରେ ଦ୍ରୁତଗତିରେ ଚାଲିଥିବା ଏହି କୋଠା କାମ ମେ ୩୧ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଅନ୍ୟପଟେ ଷଷ୍ଠ ଶ୍ରେଣୀ ନିମନ୍ତେ ଛାତ୍ରୀଛାତ୍ରଙ୍କ ନାମଲେଖା ପ୍ରକ୍ରିୟା ଚାଲିଛି। ପ୍ରଥମ ବର୍ଷରେ ଷଷ୍ଠ ଶ୍ରେଣୀରେ ୮୦ ପିଲାଙ୍କ ନାମ ଲେଖାହେବ। ୧୬ ତାରିଖ ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ୪୪ଜଣ ନାମ ଲେଖାଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଛାତ୍ରୀଛାତ୍ରଙ୍କ ସିଲେକ୍ସନ ତାଲିକା କମ୍ ଦିନରେ ମଧ୍ୟରେ ପ୍ରକାଶ ପାଇବ। ୮୦ ସିଟ୍ ପାଇଁ ୮୫୧ ଛାତ୍ରୀଛାତ୍ର ଆବେଦନ କରିଥିଲେ। କୋଠା କାମ ସରି ନ ଥିବା ଯୋଗୁ ଜିଲୁଣ୍ଡି ହାଇସ୍କୁଲରେ ଅସ୍ଥାୟୀ ଭାବେ ପାଠ ପଢ଼ାଯିବ। ତେଣୁ ସେଠାରେ ଅସ୍ଥାୟୀ ଭାବେ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତି ଚାଲିଛି। ଇତିମଧ୍ୟରେ ଜଣେ କିରାଣି ନିଯୁକ୍ତି ହୋଇଛନ୍ତି। ଭଞ୍ଜନଗର ବିଇଓ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଦାୟିତ୍ୱରେ ଅଛନ୍ତି। ବର୍ତ୍ତମାନ ବିଦ୍ୟାଳୟର ସମସ୍ତ କଥା ବୁଝୁଥିବା ଏବିଇଓ ଏସ୍.ନାୟକ କହିଛନ୍ତି, କୋଠା କାମ ନିର୍ଦ୍ଧାରିତ ସମୟରେ ସରିବ। ଛାତ୍ରୀଛାତ୍ରଙ୍କ ପାଇଁ ଆବଶ୍ୟକ ପୁସ୍ତକ ଆସିଯାଇଛି। ନିର୍ବାଚନ ପରିପ୍ରେକ୍ଷୀରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା କାରଣରୁ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ସରି ନ ଥିଲା। ଖୁବଶୀଘ୍ର ଏହା ସରିବ। ଆଦର୍ଶ ବିଦ୍ୟାଳୟରେ ପଢ଼ିବା ପାଇଁ ଛାତ୍ରୀଛାତ୍ରଙ୍କ ଆଗ୍ରହ ପରିଲକ୍ଷିତ ହେଉଛି। ବ୍ଲକର ଛାତ୍ରୀଛାତ୍ରମାନେ ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବା ନିୟମ ରହିଛି।



ନିର୍ମାଣାଧୀନ ଭଞ୍ଜନଗର ଆଦର୍ଶ ବିଦ୍ୟାଳୟ।

